ଧରିତ୍ରୀ
DHARITRI
June 16-22, 2019 ₹ 2/-

# ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩



## ବାପାଙ୍କ ଗାଳି

ସିଏ ପାଖରେ ଥିଲେ ଦେହରେ ଶତ ସିଂହର ବଳ ଆସେ। କୌଣସି କଥାକୁ ଭୟ ଲାଗେନା କି ଚଲାପଥରେ କେବେ କଣ୍ଟା ଫୁଟେନା। କିନ୍ତୁ ବେଳେବେଳେ ପିଲାଙ୍କୁ ସୁପଥଗାମୀ କରାଇବା ପାଇଁ ସେଇ ବାପା ନିଜକୁ କଠୋର କରନ୍ତି, ରାଗନ୍ତି, ଗାଳି ଦିଅନ୍ତି...

୧୩

ସହରଠୁ ଦୂର



୮/୯

ସିନେମା



# ରିଭର ଅଫ୍ ଫାଇଭ୍ କଲର୍ସ



ପ୍ରକୃତି ତା' କୋଳରେ ସଜାଇ ରଖିଛି ଅନେକ ସୁନ୍ଦର ସ୍ଥାନ। ପୃଥିବୀ ପୃଷ୍ଠରେ ଏଭଳି ମଧ୍ୟ ସ୍ଥାନ ରହିଛି ଯାହା ଦେଖିବାକୁ ଅସାଧାରଣ ଏବଂ ଆଶ୍ଚର୍ଯ୍ୟଜନକ । ସେହିଭଳି ଏକ ନଦୀ ରହିଛି କଲମ୍ବିଆରେ । ଏହି ନଦୀର ନାଁ ହେଉଛି 'କେନୋ କ୍ରିଷ୍ଟାଲ'। ଏହି ନଦୀ 'ରିଭର ଅଫ୍ ଫାଇଭ୍ କଲର୍ସ୍' ନାମରେ ମଧ୍ୟ ଖ୍ୟାତ। ସାଧାରଣତଃ ନଦୀ ପାଣିର ରଙ୍ଗ ସ୍ୱଚ୍ଛ ବା ମାଟିଆ ହୋଇଥିବା ବେଳେ ଏହି ନଦୀ ପାଣିର ରଙ୍ଗ କିନ୍ତୁ ପାଞ୍ଚ ପ୍ରକାରର । ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିବ ନିଶ୍ଚିତ। ଗ୍ରୀଷ୍ମ ଦିନରୁ ନେଇ ବର୍ଷା ଋତୁ ପର୍ଯ୍ୟନ୍ତ ଏହି ନଦୀ ଶଯ୍ୟାରେ ମେକରେନିୟା କ୍ଲେଭିଗେରା ନାମକ ଏକ ଜଳଜ ଉଦ୍ଭିଦ ବଢିଥାଏ, ଯାହାର ରଙ୍ଗ ନାଲି, ନୀଳ, ସବୁଜ, ହଳଦିଆ ଏବଂ କଳା। ଏହି ନଦୀର ଜଳ ବହୁତ ସ୍ୱଚ୍ଛ ଥିବା ହେତୁ ପାଣି ଭିତରେ ଥିବା ଉଦ୍ଭିଦଗୁଡିକ ବେଶ୍ ପରିଷ୍କାର ଦେଖାଯାଏ, ଫଳରେ ପାଣି ବିଭିନ୍ନ ରଙ୍ଗର ଦେଖାଯାଇଥାଏ । ଏହି ଉଦ୍ଭିଦର ଅଧା ଅଂଶ ପାଣିରେ ବୁଡି ରହୁଥିବା ବେଳେ ଆଉ ଅଧା ଅଂଶ ପାଣି ଉପରକୁ ଦେଖାଯାଇଥାଏ। ତେବେ ପଞ୍ଚ ରଙ୍ଗଧାରୀ ଏହି ନଦୀକୁ ନ୍ୟାଶନାଲ ଜିଓଗ୍ରାଫିକ୍ ଦ୍ୱାରା 'ଦ ଗାର୍ଡେନ ଅଫ୍ ଇଡେନ୍' ବୋଲି ଆଖ୍ୟା ଦିଆଯାଇଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୧୬-୨୨

**ମେଷ**
ବନ୍ଧୁପ୍ରିୟ ହେବେ, କାମ ଅଟକିବ ନାହିଁ, ଅର୍ଥ ମଧ୍ୟ ପାଇବେ, ପଡୋଶୀଙ୍କ ପ୍ରତିବାଦ, ସନ୍ତାନ ହେତୁକ ସମସ୍ୟା, ପରିବାରରେ ଭୁଲ୍ ବୁଝାମଣା, କାର୍ଯ୍ୟକ୍ଷେତ୍ରରେ ଦକ୍ଷତା ବୃଦ୍ଧି, ପ୍ରଶାସନିକ ସଫଳତା, କଳା ସାହିତ୍ୟରେ ଉନ୍ନତି।

**ବୃଷ**
ନୂତନ କର୍ମସଂସ୍ଥାନ, ଦାୟିତ୍ୱବୋଧ ବଢିବ, ସହକର୍ମୀଙ୍କ ସାହାଯ୍ୟ, ମିତ୍ର ବନ୍ଧୁ ଜୁଟିବେ, ଉପରିସ୍ଥଙ୍କ ତାଗିଦ, ଅଧ୍ୟାପନାରେ ଉନ୍ନତି, ପାରିବାରିକ ଚାପ, ନୀଚ ସଂସର୍ଗରୁ ସମାଲୋଚନା, ଭୁଲ୍ ନିଷ୍ପତ୍ତି ନେବେ, ଅନଟନ ଦେଖାଦେବ।

**ମିଥୁନ**
କର୍ମ ପରିସର ବ୍ୟାପକତା, ସ୍ଥଗିତ କାମରେ ଅବହେଳା, ଦ୍ରବ୍ୟ ନଷ୍ଟ ହୋଇପାରେ, ଅନ୍ୟମନସ୍କତାରୁ ସମସ୍ୟା, ସ୍ୱାସ୍ଥ୍ୟହାନି, ବାଧ୍ୟବାଧକତାରେ କାର୍ଯ୍ୟ, ଉପରିସ୍ଥଙ୍କ ଚାପ, ସାଙ୍ଗସାଥୀଙ୍କ ଅସହଯୋଗ, ଧର୍ମ କାର୍ଯ୍ୟରେ ନିଷ୍ଠା।

**କର୍କଟ**
ମନ ଭାରାକ୍ରାନ୍ତ ରହିବ, ଅତୀତ ଘଟଣାର ସମୀକ୍ଷା, ବନ୍ଧୁଙ୍କ ଅନୁରକ୍ତି, ବ୍ୟୟବୃଦ୍ଧିରୁ ମନସ୍ତାପ, ବ୍ୟବସାୟରେ ଉନ୍ନତି, ନୂତନ କର୍ମ ନିଯୁକ୍ତି, ବକେୟା ପାଇବେ, ମାମଲାର ଫଇସଲା, ଶୁଭ ଖବର ପାଇବେ।

**ସିଂହ**
ବନ୍ଧୁ ମିଳନରୁ ଆନନ୍ଦ, କର୍ମ ପ୍ରାଧାନ୍ୟତା ବଢିବ, ସୌଖୀନ ଦ୍ରବ୍ୟଲାଭ, ଅଶୌଚ ଖବର ପାଇବେ, ଅନିଦ୍ରାଜନିତ କ୍ଲେଶ। କ୍ରୀଡା, ସଙ୍ଗୀତରେ ପ୍ରଶଂସା, ଖୋଜୁଥିବା ଜିନିଷ ପାଇବେ, ତୀର୍ଥାଟନ କରିପାରନ୍ତି।

**କନ୍ୟା**
ସାହାଯ୍ୟ ସହଯୋଗ ମିଳିବ, କର୍ମକ୍ଷେତ୍ରରେ ପ୍ରଶଂସା, ପକେଟ୍ମାର ହୋଇପାରେ, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ଆବଦ୍ଧଯୋଗରୁ ମୁକ୍ତହେବେ, ସାମୂହିକ କାର୍ଯ୍ୟସିଦ୍ଧି, କରଜ କରିପାରନ୍ତି, ପରିବହନରେ ଝଗଡା।

**ତୁଳା**
ଆରୋଗ୍ୟଲାଭ, ଅର୍ଥସଙ୍କଟ ଦେଖାଦେବ, ସମ୍ପର୍କରେ ଉନ୍ନତି। ଭାଇଙ୍କ କାର୍ଯ୍ୟରେ ଅସନ୍ତୋଷ, ଭୂ-ସମ୍ପତ୍ତିରେ ବିବାଦ, ଭ୍ରମଣ ସୁଯୋଗ ଜୁଟିପାରେ, ଶ୍ରମଜନିତ କ୍ଲାନ୍ତି, ପାରିବାରିକ ତିକ୍ତତା, କାର୍ଯ୍ୟରେ ଅବହେଳା।

**ବିଛା**
ବିଚାର ବିଗିଡିବ, ଭାଗବଣ୍ଟାରେ ଟଣାଓଟରା, ଅପବ୍ୟୟରୁ ମନସ୍ତାପ, ନିଜ ଲୋକଙ୍କ ବିରୋଧ, ସ୍ୱାସ୍ଥ୍ୟରେ ପ୍ରତିକୂଳତା, ବ୍ୟବସାୟରେ ସଫଳତା। ପାରିବାରିକ ସୌଖ୍ୟ, ସାଂସ୍କୃତିକ କାର୍ଯ୍ୟରେ ତତ୍ପରତା।

**ଧନୁ**
ପାରିବାରିକ ସହଯୋଗ, ସ୍ଥଗିତ କାର୍ଯ୍ୟରେ ଉନ୍ନତି, ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା, କର୍ମକ୍ଷେତ୍ରରେ ଅଶାନ୍ତି, ଅର୍ଥପ୍ରାପ୍ତିରେ ବାଧା, ସମ୍ପର୍କୀୟଙ୍କ ବିରୋଧାଭାଷ, ବୃତ୍ତିବାଣିଜ୍ୟରେ ଉନ୍ନତି।

**ମକର**
ମାନସିକ ଅସ୍ଥିରତା, ପକ୍ଷପାତିତାରୁ କଳହ, ନୈରାଶ୍ୟଯୁକ୍ତ ରହିବେ, ସମ୍ପର୍କରେ ତିକ୍ତତା, ସମସ୍ୟାର ସମାଧାନ। ବନ୍ଧୁଙ୍କ ମିଥ୍ୟା ଅଭିଯୋଗ, ମାଲିମକଦ୍ଦମାରେ ବିଜୟ, ଅର୍ଥର ଆବଶ୍ୟକତା, ଲୋକ ସମ୍ପର୍କ ବଢ଼ିବ।

**କୁମ୍ଭ**
ଭାବପ୍ରବଣ ହେବେ, ଆଶାନୁଯାୟୀ ଫଳଲାଭ, ଋଣ ପରିଶୋଧର ଚିନ୍ତା, ବନ୍ଧୁଙ୍କ ସନ୍ଦେହ, କ୍ରନିକ୍ ରୋଗରେ ପୀଡା, ଭ୍ରମଣ ଇଚ୍ଛା ଜାଗ୍ରତ ହେବ, ଠକାମିରେ ପଡିପାରନ୍ତି, କାର୍ଯ୍ୟସିଦ୍ଧି।

**ମୀନ**
ନୂତନ କର୍ମାରମ୍ଭ, ଚେଷ୍ଟା ନିଷ୍ଫଳ ହେବନି, ସନ୍ତାନଙ୍କ ବିଶୃଙ୍ଖଳା, ବିବାଦଗ୍ରସ୍ତ ହୋଇ ପାରନ୍ତି, ଧାରକରଜ କରିବେ, ମିଥ୍ୟା ଦୋଷାରୋପ ଆସିବ, ପାରିବାରିକ ଶାନ୍ତି।

# ମେସେଜ୍ ବା ଚାର୍ଟ କରୁଥିଲେ....

କେତେକ କ୍ଷେତ୍ରରେ ଦେଖାଯାଉଛି ଯେ ଫୋନରେ କଲ୍ କରି କଥା ହେବା ପାଇଁ ମଧ୍ୟ ଅନେକଙ୍କଠାରେ ସମ୍ଭବ ହେଇପାରୁନାହିଁ । ଏ କ୍ଷେତ୍ରରେ ଅନେକେ ନିର୍ଭର କରନ୍ତି ଚାର୍ଟିଂ ବା ମେସେଜିଂ ମାଧ୍ୟମରେ ସମ୍ପର୍କ ବଜାୟ ରଖିବା ପାଇଁ। ତେବେ ମେସେଜିଂ ବା ଚାର୍ଟ କରୁଥିଲେ ଆପଣାନ୍ତୁ କିଛି ସ୍ମାର୍ଟ ଟିପ୍ସ......



* ମେସେଜ୍ ସର୍ବଦା ସର୍ଟ ହିଁ ଟାଇପ୍ କରନ୍ତୁ। କାରଣ ଲମ୍ବା ମେସେଜ୍ ପଢିବା ପାଇଁ ସାଧାରଣତଃ ଲୋକଙ୍କ ପାଖରେ ଧୈର୍ଯ୍ୟ ନ ଥାଏ।
* କୌଣସି ଗୁରୁତ୍ୱପୂର୍ଣ୍ଣ ମେସେଜ୍ ହୋଇଥିଲେ ମେସେଜ୍ ପଠେଇବା ପରେ ଯଦି ବ୍ୟକ୍ତି ଜଣକ ନ ଦେଖିଥାନ୍ତି ତେବେ ତାଙ୍କୁ କଲ୍ କରି ମେସେଜ୍ଟିକୁ ତୁରନ୍ତ ପଢିବା ପାଇଁ କହିପାରିବେ।
* କେତେଜଣଙ୍କ ଅଭ୍ୟାସ ଥାଏ ପ୍ରତିଦିନ ସୁପ୍ରଭାତ ଏବଂ ଶୁଭରାତ୍ରି ମେସେଜ୍ ପଠେଇବା । ଏଭଳି ଅଭ୍ୟାସକୁ ଯଥା ସମ୍ଭବ ଦୂରେଇ ଦିଅନ୍ତୁ । କାରଣ ଏହା ପଠାଯାଉଥିବା ବ୍ୟକ୍ତିଙ୍କ ଲାଗି ବିରକ୍ତିର କାରଣ ହୋଇପାରେ।
* ଜରୁରୀ ନୁହେଁ କି ଆପଣ ମେସେଜ୍ ପଠେଇଥିବା କ୍ଷଣି ବ୍ୟକ୍ତି ଜଣକ ସଙ୍ଗେ ସଙ୍ଗେ ରିପ୍ଲାଏ ଦେବେ। ତେଣୁ ବ୍ୟକ୍ତିଙ୍କୁ ବାରମ୍ବାର ମେସେଜ୍ ନ କରି ତାଙ୍କ ରିପ୍ଲାଏର ଅପେକ୍ଷା କରନ୍ତୁ।
* ଆଜିକାଲି କେତେଜଣ ମେସେଜ୍ ଦ୍ୱାରା ହିଁ ସମ୍ପର୍କ ଛିନ୍ନ କରିଦେଇଥାନ୍ତି। କିନ୍ତୁ ସେଭଳି କରିବା ଠିକ୍ ନୁହେଁ। ଯେତେ ବି ଝଗଡା ହୋଇଥିଲେ ମଧ୍ୟ ଫୋନ୍ ମାଧ୍ୟମରେ ବା ଦେଖାକରି ହିଁ ସମସ୍ୟାର ସମାଧାନ କରନ୍ତୁ।
* ଏକ ସଙ୍ଗେ ଅନେକ ଫଟୋ, ଭିଡିଓ, ଲିଙ୍କ୍ ଶେୟାର କରନ୍ତୁ ନାହିଁ।
* ଯଦି ବେଶି ଜରୁରୀ ନ ଥାଏ ତେବେ ଅଫିସ ଟାଇମ୍‌ରେ ବ୍ୟକ୍ତିଙ୍କୁ ମେସେଜ୍ କରନ୍ତୁ ନାହିଁ।

# ପାଠକୀୟ

❖ଅନେକ ଲୋକ ଅଚାନକ ଉଭାନ ହୋଇଯାଇଛନ୍ତି, ବର୍ଷ ବର୍ଷ ଧରି ସେମାନଙ୍କର କୌଣସି ପତ୍ତା ମିଳୁନାହିଁ। ସେହି ପତ୍ତା ମିଳୁ ନ ଥିବା ମଣିଷମାନେ ଯେ ମୃତ, ସେକଥା ମଧ୍ୟ କୁହାଯାଇ ପାରୁନାହିଁ। କାରଣ ମୃତକଙ୍କ କୌଣସି ଚିହ୍ନବର୍ଣ୍ଣ ସୁଦ୍ଧା ମିଳିନାହିଁ। ରହସ୍ୟ ଲାଗୁଥିଲେ ମଧ ଏଭଳି ଅନ୍ତର୍ଦ୍ଧାନ ସବୁ ସତ୍ୟ। ଆଉ ସେଭଳି ଅନ୍ତର୍ଦ୍ଧାନ ସବୁକୁ ବିଶ୍ୱ ଇତିହାସ ତା' ପୃଷ୍ଠାରେ ରହସ୍ୟମୟ ତାଲିକାରେ ସାଇତି ରଖିଛି। ସେମିତି କେତେଜଣ ଅନ୍ତର୍ଦ୍ଧାନ ହୋଇଯାଇଥିବା ମଣିଷଙ୍କୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଅତି ରୋମାଞ୍ଚକର ଥିଲା। 'ପ୍ରେଜେଣ୍ଟେବଲ ହେବା ଜରୁରୀ', 'ନିଆରା ପ୍ରତିଯୋଗିତା' ଆଦି ପାଠ ଦୁଇଟିରୁ ଅନେକ କିଛି ଶିଖିବାକୁ ମିଳିଲା।

*-ତାପସୀ ପ୍ରଧାନ, ସୋର, ବାଲେଶ୍ୱର*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରୁ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଅନ୍ତର୍ଦ୍ଧାନ ହୋଇଯାଇଥିବା ଘଟଣାବଳୀ ପଢିଲି, ସତରେ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା ସେମାନଙ୍କ ଜୀବନ କାହାଣୀ ପଢ଼ି। 'କାର ଯୋଗେ ଇଙ୍ଗ୍ଲାଣ୍ଡରୁ ବ୍ୟାଙ୍କକ୍' ଯାତ୍ରା କରିଥିବା ସାହସୀ ମହିଳା ଅନିନ୍ଦିତା ମହାପାତ୍ରଙ୍କ ଜୀବନୀ ପଢ଼ି ମୋତେ ଅନେକ ପ୍ରେରଣା ମିଳିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ 'ବିଟ୍ରିଶ କବିରୁ ବିଶ୍ୱକବି ପାଲଟିଥିବା ଲର୍ଡ ଟେନିସନ୍'ଙ୍କ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*-ଦେବାଶିଷ ଚକ୍ରବର୍ତ୍ତୀ, କେନ୍ଦୁଝରଗଡ଼*

❖ସୃଜନ ପୃଷ୍ଠାରେ ସ୍ଥାନିତ 'ଅଧିକାର' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି ସିନେମା ପୃଷ୍ଠାରେ ସ୍ଥାନିତ ''କ'ଣ ପାଇଁ ସିରିୟସ ଦିଶା'', ''ତଥାପି ଆଶାରେ ତାରା'', ''କ'ଣ କରିବେ ସଲ୍ଲୁ'' ଆଦି ପାଠଗୁଡ଼ିକର ଉପସ୍ଥାପନାଶୈଳୀ ବେଶ୍ ରୋମାଣ୍ଟିକ୍ ଥିଲା। ଅନ୍ୟପକ୍ଷେ ପ୍ରଥମ ରୋଜଗାର ସ୍ତମ୍ଭରୁ 'ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ' ସୁବୋଧ ପଟ୍ଟନାୟକଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ମର୍ମସ୍ପର୍ଶୀ ହୋଇପାରିଥିଲା।

*-ରାହାସ ବିହାରୀ ପଟ୍ଟନାୟକ, ରାଜକନିକା, କେନ୍ଦ୍ରାପଡ଼ା*

❖ଶୀତଳଷଷ୍ଠୀକୁ ଆଧାର କରି 'ଆରଡ଼ିରେ ଶିବ ବିବାହ' ନାମକ ଏକ ପାଠ ଏଥରର ଛୁଟିଦିନରେ ପ୍ରକାଶ ପାଇଥିଲା, ଯେଉଁଥିରୁ ଅନେକ କିଛି ଜାଣିହେଲା। ମଡେଲ୍ ମିରର୍‌ରେ 'ଡିମ୍ପଲ' ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ ପବିତ୍ର ତୀର୍ଥସ୍ଥଳୀ 'ମେଲୁକୋଟ' ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା।

*-ରମେଶ ଖଣ୍ଡୁଆଳ, ସମ୍ବଲପୁର*

❖ବିବିଧା ଓ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ଚାରିଗୋଡ଼ିଆ ଦୌଡ଼', 'ଅଜବ ସ୍ଥାପତ୍ୟର ପାର୍କ', 'ସବୁଠୁ ବଡ଼ ଥ୍ରୀଡି ପେଣ୍ଟିଂ' ଆଦି ପାଠଗୁଡ଼ିକ ବେଶ୍ ମଜାଳିଆ ଥିଲା। ସେହିପରି ଯାତ୍ରା ପୃଷ୍ଠାରେ ସ୍ଥାନିତ 'ଗାୟିକା ଅଭିନେତ୍ରୀ ଚିନୁ', 'ବ୍ୟାଡ୍ ବୟ ଶୁଭ' ଆଦି ପାଠଗୁଡ଼ିକରୁ ଯାତ୍ରା ସମ୍ପର୍କିତ ଅନେକ କଥା ଜାଣିହେଲା।

*-ମନସ୍ୱିନୀ ସୂତାର, ଝାରସୁଗୁଡ଼ା*

## ବିଶେଷ ଚିଠି



ପତ୍ରିକା ସାମ୍ରାଜ୍ୟେ ସମ୍ରାଟ
ଧରିତ୍ରୀର ଛୁଟିଦିନ,
ସବୁ ପାଠକଙ୍କ ହିତାର୍ଥେ
ଆସେ ରବିବାର ଦିନ।
ପ୍ରଚ୍ଛଦ ପ୍ରସଙ୍ଗ, ସିନେମା
ଖବର ସବୁଠୁ ତାଜା,
ସାଥୀର ଉତ୍ତର ପଢ଼ିଲେ
ଲାଗଇ ବହୁତ ମଜା।
ସୃଜନରେ ଗପ କବିତା
ଯାତ୍ରା ଅଭିନେତା କଥା,
ପର୍ଯ୍ୟଟନ ସ୍ଥାନ ଜଣାଏ
ସହରଠୁ ଦୂର ବାର୍ତ୍ତା।

*-ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com





# ବାପାଙ୍କ ଗାଳି



**ସିଏ ପାଖରେ ଥିଲେ ଦେହରେ ଶତ ସିଂହର ବଳ ଆସେ। କୌଣସି କଥାକୁ ଭୟ ଲାଗେନା କି ଚଲାପଥରେ କେବେ କଣ୍ଟା ଫୁଟେନା। କିନ୍ତୁ ବେଳେବେଳେ ପିଲାଙ୍କୁ ସୁପଥଗାମୀ କରାଇବା ପାଇଁ ସେଇ ବାପା ନିଜକୁ କଠୋର କରନ୍ତି, ରାଗନ୍ତି, ଗାଳି ଦିଅନ୍ତି...**

*ଆଙ୍ଗୁଠି ଧରି ବାଟ ଚଲେଇବା ଶିଖାନ୍ତି ଯିଏ, ମୁଣ୍ଡ ଝାଳ ତୁଣ୍ଡରେ ମାରି ପିଲାଙ୍କ ପାଟିରେ ଖାଦ୍ୟ ଦିଅନ୍ତି ଯିଏ, ଆଖି ଲୁହକୁ ଲୁଚାଇ ସନ୍ତାନଙ୍କୁ ହସିବା ଶିଖାଇଥାନ୍ତି ଯିଏ ; ସିଏ ଆଉ କେହି ନୁହନ୍ତି ସେ ହେଉଛନ୍ତି ବାପା। ସିଏ ପାଖରେ ଥିଲେ ଦେହରେ ଶତ ସିଂହର ବଳ ଆସେ। କୌଣସି କଥାକୁ ଭୟ ଲାଗେନା କି ଚଲାପଥରେ କେବେ କଣ୍ଟା ଫୁଟେନା। କିନ୍ତୁ ବେଳେବେଳେ ପିଲାଙ୍କୁ ସୁପଥଗାମୀ କରାଇବା ପାଇଁ ସେଇ ବାପା ନିଜକୁ କଠୋର କରନ୍ତି, ରାଗନ୍ତି, ଗାଳି ଦିଅନ୍ତି। ଆବଶ୍ୟକ ପଡ଼ିଲେ ପିଲାଙ୍କ ଉପରକୁ ହାତ ବି ଉଠାନ୍ତି। ହେଲେ ସେହି ମାଡ଼ ଗାଳିକୁ ଯେଉଁ ସନ୍ତାନ ଭଲ ଅର୍ଥରେ ନେଇ କାର୍ଯ୍ୟକାରୀ କରିଥା'ନ୍ତି, ଶେଷରେ ସେମାନେ ହୁଅନ୍ତି ସଫଳ, ଆଉ ଦୁନିଆ ତାଙ୍କୁ ସୁସନ୍ତାନ ବୋଲି କହେ। ବାପାଙ୍କ ଗାଳି ପାଇଁ ସଫଳତାର ସ୍ୱାଦ ଚାଖିଥିବା ସେମିତି କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ...*

## ବାପାଙ୍କ ଗାଳି ଯୋଗୁ ଇଞ୍ଜିନିୟର ହେଲି

ଯାଜପୁର ରୋଡ଼୍ ଫେରୋକ୍ରୋମ କଲୋନୀର ରଜତ କୁମାର ପତି। ବାପା ବ୍ରଜ କିଶୋର ପତି ଜଣେ ଆଇନଜୀବୀ, ମା'ଉର୍ମିଳା ପାଢ଼ୀ ଶିକ୍ଷୟିତ୍ରୀ। ପିଲାଟି ଦିନରୁ ରଜତ ଥିଲେ ଟିକେ ଚଗଲା। ଖେଳପ୍ରିୟ ରଜତ ବେଳେବେଳେ ସାଙ୍ଗମାନଙ୍କ ସହ ଖେଳିବା ପାଇଁ ସ୍କୁଲ ଯିବାକୁ ଅମଙ୍ଗ ହେଉଥିଲେ। ଏଥିପାଇଁ କେତେଥର ବାପା ତାଙ୍କୁ ଗାଳି ଦେଇଥିଲେ। ହେଲେ ପରେ ପୁଣି ପୁଅକୁ ପାଖରେ ବସାଇ ଭଲମନ୍ଦ ଅନେକ କଥା ବୁଝାଉଥିଲେ। ଭଲ ପାଠ ନ ପଢିଲେ, ସ୍କୁଲକୁ ନ ଗଲେ ଭବିଷ୍ୟତରେ କେତେ ଅସୁବିଧା ହେବ ସେ ନେଇ ବହୁ ଉପଦେଶ ବି ଦେଉଥିଲେ। ରଜତ କୁହନ୍ତି: ମୋ ବାପା ଉପରକୁ ବହୁତ ଗମ୍ଭୀର ଓ ରାଗୀ ଜଣାପଡିଥାନ୍ତି। କିନ୍ତୁ ମୋତେ ବହୁତ ଭଲ ପାଆନ୍ତି। ସବୁବେଳେ ମୋ ପାଠପଢା ଆଉ କ୍ୟାରିୟରକୁ ନେଇ ତାଙ୍କର ଚିନ୍ତା ଥାଏ। ଏମିତିରେ ଦିନେ ମୋର ଦଶମ ଶ୍ରେଣୀ ପରୀକ୍ଷା ଫଳ ବାହାରିବାର ସମୟ ଆସିଲା। ବାପା ପରୀକ୍ଷା ଫଳ ଆଣିବାକୁ ଯାଇଥାନ୍ତି। ପରୀକ୍ଷାରେ ଭଲ କରିଥିବା ସତ୍ତ୍ୱେ ବାପାମା', ଶିକ୍ଷକ ତଥା ବନ୍ଧୁପରିଜନଙ୍କ ଆଶା ଓ ଆକାଂକ୍ଷାର ଚାପ ମୋ ଉପରେ ଥାଏ। ତେଣୁ ଡର ଲାଗୁଥାଏ। ସକାଳ ୧୦.୩୦ ମିନିଟ୍ ସମୟରେ ବାପା ରେଜଲ୍ଟ କାଗଜ ଧରି ଘରକୁ ଆସିଲା ବେଳେ ଆମ ତଳ ଘରେ ରହୁଥିବା ମଉସା ପଚାରିଲେ, ପୁଅର ରେଜଲ୍ଟ କ'ଣ ହୋଇଛି। ବାପା ତାଙ୍କୁ ରେଜଲ୍ଟ କାଗଜ ଦେଖାଇ ମନଦୁଃଖରେ କହିଲେ, ଗଣିତ ଓ ସଂସ୍କୃତକୁ ଛାଡ଼ି ଆଉ କୌଣସି ବିଷୟରେ ସେ ଏତେ ଭଲ କରିନାହିଁ। ମୁଁ ଉପରୁ ଥାଇ ଏସବୁ କଥା ଶୁଣୁଥାଏ। ଏଣେ ଡର ଲାଗୁଥାଏ ବାପା ଆସିଲେ କ'ଣ କହିବେ ବୋଲି। ବାପା ଆସି ଗାଳି ଦେଲେ ଆଉ ମନଦେଇ ପାଠପଢିବାକୁ ତାଗିଦ୍ କରି କହିଲେ। ବାପାଙ୍କ ଗାଳି କଷ୍ଟ ଲାଗୁଥିଲେ ହେଁ ଆଶାନୁରୂପ ରେଜଲ୍ଟ ହୋଇ ନ ଥିବାରୁ ତାଙ୍କର ବି ମନଦୁଃଖ ହୋଇଥିବା ଦେଖି ମୋତେ ଭାରି କାନ୍ଦ ଲାଗିଲା। ସେଦିନଠାରୁ ନିଷ୍ପତ୍ତି ନେଲି ମନଦେଇ ପାଠପଢି ବାପାଙ୍କ ସ୍ୱପ୍ନକୁ ପୂରଣ କରିବି। ବାପାଙ୍କର ଇଚ୍ଛା ଥିଲା ମୁଁ ଜଣେ ଇଂଜିନିୟର ହୁଏ। ଆଉ ତାଙ୍କରି ଆଶୀର୍ବାଦରୁ ମୁଁ ଆଜି ଉଚ୍ଚଶିକ୍ଷା ସମାପ୍ତ କରି ଏକ ପ୍ରତିଷ୍ଠିତ ବହୁ ରାଷ୍ଟ୍ରୀୟ କମ୍ପାନୀରେ ଇଂଜିନିୟର ଭାବେ ଚାକିରି କରୁଛି। ବାପାଙ୍କର ସେଦିନର ସେହି ଗାଳି ହିଁ ମୋତେ ଆଜି ମଣିଷ କରିଦେଇଛି। ତେଣୁ ଏତିକି କହିବି, ବାପାମା'ଙ୍କର ଗାଳି କିମ୍ବା ତାଗିଦ୍ କେବେ ବି ପିଲାମାନଙ୍କ ପାଇଁ ଖରାପ ହୋଇ ନ ଥାଏ, ତାହା ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ କଢାଇ ନେଇଥାଏ।

## ବାପାଙ୍କ ଗାଳିରେ ବି ଥିଲା ପ୍ରେରଣା

ଯାଜପୁର ରୋଡ୍ କୋପଣ୍ଡସ୍ଥିତ ଡ. ଦୁଷ୍ମନ୍ତ ନାୟକ ଓ ସ୍ୱର୍ଗତା ଡ. ଲଳିତା ରାଉତଙ୍କର ସୁପୁତ୍ର ହେଲେ ଡା. ଦିବ୍ୟଜ୍ୟୋତି ନାୟକ। ତାଙ୍କ ବାପାମା' ଉଭୟ ଭିନ୍ନ ଭିନ୍ନ କଲେଜରେ ଅଧ୍ୟକ୍ଷ ଭାବେ ଚାକିରି କରିଥିଲେ। ପିଲାଦିନେ ଦିବ୍ୟ ବେଶ୍ ଚଗଲା ଥିଲେ। ପାଠ ଅପେକ୍ଷା ସାଙ୍ଗସାଥୀଙ୍କ ସହ କ୍ରିକେଟ୍ ଖେଳିବାରେ ତାଙ୍କର ବେଶି ସମୟ କଟୁଥିଲା, ଯଦ୍ଦ୍ୱାରା ପରୀକ୍ଷାରେ ମାର୍କ କମିଲା। ପୁଅକୁ କେମିତି ବାଟକୁ ଆଣିବେ, ସେ ନେଇ ବାପାମା' ଚିନ୍ତାରେ ପଡିଲେ। ପୁଅର ବୟସ ବଢୁଥିବାରୁ ତାକୁ ବେଶି ଗାଲିଗୁଲଜ ନ କରି ବରଂ କେମିତି ବୁଝାଇଶୁଝାଇ ବାଟକୁ ଆଣିବେ ସେ ଚେଷ୍ଟାରେ ଲାଗିଲେ। ବହୁ ବୁଝାଶୁଝା କରିବା ପରେ ଦିବ୍ୟ ପାଠରେ ମନଦେଲେ। ସେତେବେଳେ ଦିବ୍ୟଙ୍କର ଜଣେ ଦାଦା ଭାବା ପରମାଣୁ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଭାବେ ଅବସ୍ଥାପିତ ଥାନ୍ତି। ତାଙ୍କୁ ଦେଖି ଦିବ୍ୟ ବି ବୈଜ୍ଞାନିକ ହେବାକୁ ଇଚ୍ଛା କଲେ। ହେଲେ ବାପାମା'ଙ୍କର ସ୍ୱପ୍ନ ଥିଲା ଦିବ୍ୟ ଜଣେ ଡାକ୍ତର ହୁଅନ୍ତୁ। ଶେଷରେ ବାପାମା'ଙ୍କ କଥା ମାନି ଦିବ୍ୟ ଡାକ୍ତରୀ ଶିକ୍ଷା ଗ୍ରହଣ କରି ଏବେ ଜଣେ ସଫଳ ଏଲୋପାଥି ଡାକ୍ତର ଭାବେ ଭୁବନେଶ୍ୱରରେ ଅବସ୍ଥାପିତ। ଏ ନେଇ ଦିବ୍ୟ କୁହନ୍ତି, ମୋ ଭବିଷ୍ୟତକୁ ନେଇ ବାପାମା' ଉଭୟ ବେଶ୍ ଯତ୍ନଶୀଳ ଥିଲେ। ଖାସ୍‌କରି ସକାଳେ ଓ ସନ୍ଧ୍ୟାବେଳେ ମୋତେ ପଢେଇବା ସହିତ ଶିକ୍ଷକମାନଙ୍କ ସହ ମୋ ପାଠପଢା ସମ୍ପର୍କରେ ଆଲୋଚନା କରିବାର ଦାୟିତ୍ୱ ବାପା ନିଜେ ହିଁ ବୁଝୁଥିଲେ। ଯଦି କେବେ ପରୀକ୍ଷାରେ ମାର୍କ କମିଯାଉଥିଲା, ବାପା ରାଗୁଥିଲେ ହେଲେ ପୁଣି ମନଦେଇ ପାଠ ପଢିବାକୁ ମୋତେ ବୁଝଉଥିଲେ। ବାପା ସବୁବେଳେ ମୋତେ ଗୋଟେ କଥା କହୁଥିଲେ, ମୁଁ ଯାହା କହୁଛି, କିଛି ଖରାପ କହୁନି, ତୋ ଭବିଷ୍ୟତ ପାଇଁ କହୁଛି, ତୋ ଭଲ ପାଇଁ କହୁଛି। ଆଜି ନିଜ ଗୋଡରେ ଠିଆ ହେବା ପରେ ମୁଁ ଅନୁଭବ କରୁଛି, ସତରେ ବାପା ଯାହା କହୁଥିଲେ ଠିକ୍ ହିଁ କହୁଥିଲେ। ତାଙ୍କ କଥା ମାନି ଆଉ ତାଙ୍କରି ପଦାଙ୍କ ଅନୁସରଣ କରିଥିବାରୁ ବୈଜ୍ଞାନିକ ନ ହେଲେ ବି ଜଣେ ଡାକ୍ତର ହୋଇ ତ ଜନସେବା କରିପାରୁଛି। ତା'ଛଡ଼ା ମା' ଆଉ ନାହାନ୍ତି ସତ, କିନ୍ତୁ ତାଙ୍କ ସ୍ନେହାଦର କଥା ଏବେ ବି ମୋର ଭାରି ମନେପଡୁଛି।

## ନନାଙ୍କ ଗାଳି ନୁହେଁ ସ୍ନେହ ହିଁ ମୋତେ ସଫଳତା ଦେଲା:

ତୁଷାରକାନ୍ତ ଆଚାର୍ଯ୍ୟ (ଅଭିନେତା)

ପୁରୀ ଜିଲା ଗୋପ ବ୍ଲକ ଅନ୍ତର୍ଗତ ଓଟରଶିମୁଳି ଶାସନରେ ତୁଷାରଙ୍କ ଜନ୍ମ। ନନା (ବାପା)ସ୍ୱର୍ଗତ ମଙ୍ଗୁଳି ଆଚାର୍ଯ୍ୟ, ମା' ଉର୍ମିଳା ଆଚାର୍ଯ୍ୟ। ତୁଷାରଙ୍କ ଜେଜେବାପା ଥିଲେ ଜଣେ ନାମକରା ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ। ତାଙ୍କ ନନା ବ୍ୟାଙ୍କ୍ ପିଅନ ଭାବେ କାମ କରୁଥିଲେ ହେଁ, କଳା ପ୍ରତି ତାଙ୍କର ମଧ୍ୟ ଥିଲା ଆଦର। ସେଥିପାଇଁ ତୁଷାର ବି ପିଲାଦିନରୁ ଏହି ମାୟାରେ ପଡିଯାଇଥିଲେ। ତାଙ୍କର ପାଠ ହେଉ ନ ଥିଲା କିନ୍ତୁ ହିନ୍ଦୀ ଗୀତ ଲେଖିବା ଓ ଗାଇବାରେ ସେ ଥିଲେ ଓସ୍ତାଦ୍। କଷ୍ଟେମଷ୍ଟେ ଦଶମ ପାସ୍ କରିବା ପରେ ଆଉ ପାଠ ନ ପଢ଼ି ଗୀତକୁ ନେଇ କ୍ୟାରିୟର କରିବାକୁ ସେ ଚିନ୍ତାକଲେ। ହେଲେ ତାଙ୍କ ନନା ଚାହୁଁଥିଲେ, ତୁଷାର ବ୍ୟବସାୟ କରି ରୋଜଗାର କରନ୍ତୁ, ଗୀତ ସାଇଡ୍‌ରେ ଚାଲିଥାଉ। କାରଣ ସେତେବେଳେ

→







ଦିବ୍ୟଜ୍ୟୋତି ନାୟକ



ପ୍ରେମାନନ୍ଦ ମାଝି



ରଜତ କୁମାର ପତି



ତୁଷାରକାନ୍ତ ଆଚାର୍ଯ୍ୟ

କଳାକୁ ଉଭୟ ନିଶା ଓ ପେସା କରି ଏ ସମାଜରେ ତିଷ୍ଠିବା ସେତେ ସହଜ କଥା ନ ଥିଲା। ହେଲେ ତୁଷାରଙ୍କର ଥିଲା ସେଇ ଗୋଟିଏ ଲକ୍ଷ୍ୟ। ଓଡିଶା ବାହାରକୁ ଯିବେ, ପପ୍ ସିଙ୍ଗର୍ ହେବେ। ତେଣୁ ଦିନେ ସେ କାହାରିକୁ କିଛି ନ କହି ନନାଙ୍କ ପକେଟ୍‌ରୁ ଦୁଇ ହଜାର ଟଙ୍କା ନେଇ ବମ୍ବେ ଚାଲିଗଲେ। ସେଠାରେ ୯ ଦିନ ରହି କେତେଜଣ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ଦେଖାକଲେ। ତାଙ୍କ ଲିଖିତ ଗୀତ ସେମାନଙ୍କୁ ପସନ୍ଦ ଆସୁଥିଲେ ହେଁ ତାକୁ କାର୍ଯ୍ୟକାରୀ କରିବା ପାଇଁ ସେମାନେ ଟଙ୍କା ମାଗିଲେ। ହେଲେ ତୁଷାରଙ୍କ ପାଖେ ଟଙ୍କା ନ ଥିଲା। ଏପଟେ ୯ ଦିନ ଭିତରେ ଖାଇବା ପିଇବାରେ ଘରୁ ଲୁଚେଇ ଆଣିଥିବା ଟଙ୍କା ସରିବାକୁ ବସିଲା। ତେଣୁ ସେ ପୁଣି ଘରକୁ ଫେରିଲେ। ଘରେ ପହଞ୍ଚିଲାବେଳେ ତାଙ୍କ ନନା ଅଫିସ୍ ପଳେଇଥିଲେ। ମା' ତୁଷାରଙ୍କୁ ଦେଖି ଖୁସି ହୋଇଗଲେ କିନ୍ତୁ ଅଭିମାନଭରା କଣ୍ଠରେ କହିଲେ, ତୁ ଏତେଦିନ କୁଆଡେ ଯାଇଥିଲୁ। ନନା କେତେ ବ୍ୟସ୍ତ ହେଉଛନ୍ତି। ସେ ରାଗି କି ଅଛନ୍ତି। ବୋଉ କଥା ଶୁଣି ତୁଷାରଙ୍କୁ ଡର ଲାଗୁଥାଏ। ସନ୍ଧ୍ୟା ବେଳକୁ ତୁଷାରଙ୍କ ନନା ଆସିଲେ। ହେଲେ ଆଶ୍ଚର୍ଯ୍ୟ ସେ ତୁଷାରଙ୍କ ଉପରେ ରାଗିବା ତ ଦୂର କଥା ଟାଣ କରି ପଦେ କଥା ବି କହିଲେନି। ଓଲଟି ତାଙ୍କୁ ପାଖକୁ ଡାକି ବୁଝେଇଲେ: 'ଏମିତି କାହାକୁ କିଛି ନ କହି କୁଆଡେ ଯିବା ଠିକ୍ ନୁହେଁ। ଆଜି ଯଦି ତମର କିଛି ଅସୁବିଧା ହୋଇଯାଇଥାନ୍ତା, ତା'ହେଲେ। ଏମିତି ଆଉ ଜମା କରିବନି। ଯାହା ବି କରିବ ଘରେ ଜଣେଇବ, ମୋତେ ଜଣେଇ କି କରିବ। ତମେ ରୋଜଗାର କରି ମୋତେ ଆଣି ପଇସା ଦେବ, ସେଇଟା ମୁଁ କେବେ ଚାହେଁନି। ବରଂ ଭଲ ମଣିଷଟିଏ ହୋଇ ନିଜ ଗୋଡରେ ନିଜେ ଠିଆ ହେଲେ ମୁଁ ଖୁସି ହେବି।' ଏ ନେଇ ତୁଷାର କୁହନ୍ତି, ସେଦିନ ନନାଙ୍କର ଏହି ସ୍ନେହବୋଳା କଥା ମୋ ଜୀବନରେ ଏକ ନୂଆ ମୋଡ ଆଣିଲା। କିଛିଦିନ ପରେ ନନାଙ୍କୁ କହି ତାଙ୍କଠାରୁ ହାତଖର୍ଚ୍ଚ ନେଇପୁଣି ବମ୍ବେ ଗଲି। ସେଠାରେ ପହଞ୍ଚି ଏକ ଗାର୍ମେଣ୍ଟ କମ୍ପାନୀରେ ହେଲ୍‌ପର୍ କାମ କଲି। ତା'ସହିତ ହୋଟେଲ୍ ଆଉ ବିୟର୍ ବାର୍‌ରେ ଗୀତ ଗାଇଲି, ଗିଟାର୍ ଶିଖିଲି। ଭାବିଥିଲି ଗୀତକୁ ନେଇ କ୍ୟାରିୟର କରିବି। ହେଲେ ସମୟକ୍ରମେ ଏକ ଥିଏଟର୍ ଗ୍ରୁପ୍ ସଂସ୍ପର୍ଶରେ ଆସି 'ଗିର୍‌ଗିଟ୍' ନାମକ ଏକ ନାଟକରେ ଅଭିନୟ କଲି। ଅଭିନୟ ଭଲ କରିବାରୁ ପରେ ସେହି ଗ୍ରୁପ୍‌ର ପିଲାମାନଙ୍କୁ ଅଭିନୟ ଶିଖାଇଲି। ଏମିତି ୫/୬ ବର୍ଷ ବିତିଗଲା। ତା'ଭିତରେ ଷ୍ଟାର୍ ପ୍ଲସ୍‌ରେ ଅଡିଶନ୍ ଦେଇ 'ହେଲୋ ଡଲି' ଧାରାବାହିକର ପାଇଲଟ୍ ଶୁଟ୍‌ରେ ଛୋଟ ଅଭିନୟ କରିବା ସହ ଏକ ଭିଡିଓ ଆଲବମ୍ ଓ କେତୋଟି ଗୁଜରାଟୀ ଡକ୍ୟୁମେଣ୍ଟାରୀ ଫିଲ୍ମରେ ବି ଅଭିନୟ କରିଥିଲି। ସଫଳତାର ଶିଡ଼ି ଚଢ଼ି ଚାଲିଥିବାବେଳେ ହଠାତ୍ ଏହି ସମୟରେ ନନାଙ୍କର ଆକ୍ସିଡେଣ୍ଟ ହେଲା। ଗୋଟେ ପୁଅ ହୋଇଥିବାରୁ ନନାଙ୍କ ଦେଖାଚାହାଁ ପାଇଁ ଓଡିଶା ଆସି ଓଡ଼ିଆ ଇଣ୍ଡଷ୍ଟ୍ରିରେ କ୍ୟାରିୟର କରିବାକୁ ଚେଷ୍ଟାକଲି। କ୍ରମେ 'ସୁନା କଳସ' ଧାରାବାହିକ, 'ମୁଁ ତୋତେ ଲଭ୍ କରୁଛି' ଓ 'ରସିକ ନାଗର' ଚଳଚ୍ଚିତ୍ରରେ ଅଭିନୟ କଲି। ଏହାପରେ ମୋ ବାହାଘର ଓ ପୁଅ ଜନ୍ମ ହେଲା। କିଛିଦିନ ପରେ ନନା ଚାଲିଗଲେ। ପତ୍ନୀଙ୍କ ସହଯୋଗରେ ପୁଣି ବମ୍ବେ ଯାଇ ଏଠିସେଠି କିଛିଦିନ କାମ କଲି। ଜଣେ ସାଙ୍ଗର ସହାୟତାରେ ଜି-ଟିଭିରେ ଅଡିଶନ୍ ଦେଇ 'ଅଫ୍‌ସର୍ ବିଟିଆ' ଧାରାବାହିକରେ ଅଭିନୟ କଲି। କ୍ରମେ ହିଟ୍‌ଲର୍ ଦିଦି, ପରିଚୟ, ସାବଧାନ ଇଣ୍ଡିଆ, ପବିତ୍ର ରିସ୍ତା, ପବିତ୍ର ବନ୍ଧନ ପରି ପ୍ରାୟ ୫୦ଟି ଧାରାବାହିକରେ ଅଭିନୟ କରିବା ପରେ ଚଳଚ୍ଚିତ୍ର ଜଗତ ଆଡେ ମୁହାଁଇଲି। ଯା' ଭିତରେ ପ୍ରାୟ ୧୪/୧୫ଟି ଶର୍ଟ ଫିଲ୍ମରେ ଅଭିନୟ କରିବା ସହ 'ଭିରେ କି ୱେଡିଂ', 'ଭୂତ୍ ୱାଲି ଲଭ୍ ଷ୍ଟୋରି', 'ଗନ୍‌ୱାଲି ଦୁଲ୍‌ହନିଆ' ଚଳଚ୍ଚିତ୍ରରେ ଅଭିନୟ କରିସାରିଲିଣି। ଆଉ ଆଗକୁ ରିଲିଜ୍ ଅପେକ୍ଷାରେ ଥିବା ମଲାଲା ୟୁସୁଫ୍ ଜାଇଙ୍କ ଉପରେ ଆଧାରିତ ବାୟୋପିକ୍ ଫିଲ୍ମ 'ଗୁଲ୍ ମକାଇ', 'ଅନ୍ତର୍ଧ୍ୱନି', 'ପେପର୍ ରକେଟ୍', 'ବନ୍ଦା ନବାଜ୍'ରେ ବି ଅଭିନୟ କରିଛି। ତା'ଛଡ଼ା ୟଶ୍‌ରାଜ୍ ଫିଲ୍ମସ୍ ବ୍ୟାନ୍‌ରରେ ପ୍ରସ୍ତୁତ 'ଶମଶେରା' ଚଳଚ୍ଚିତ୍ରରେ ଅଦ୍ୟାବଧି ମୋର ଅଭିନୟ ଜାରି ରହିଛି। ତେବେ ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି, ଯା' ପଛରେ ମୋ ନନାଙ୍କର ବଡ଼ ହାତ ଅଛି। କାରଣ ଯଦି ସେଦିନ ନନା ମୋତେ ରାଗିଥାନ୍ତେ, ତା'ହେଲେ ହୁଏତ ମୁଁ କିଛି ଭୁଲ୍ ନିଷ୍ପତ୍ତି ନେଇଯାଇଥାନ୍ତି। ହେଲେ ତାଙ୍କର ସେହି ସ୍ନେହବୋଳା କଥା ହିଁ ମୋତେ ଆଜି ସଫଳତା ଆଣିଦେଇଛି।

## ବାପାଙ୍କ କଥା ମୋର ଏବେ ବି ମନେଅଛି



**ଡ.ସୁଧାକର କର** (ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କୁମ୍ଭୀର ବିଶେଷଜ୍ଞ)

କେନ୍ଦ୍ରାପଡା ଜିଲା ଆଳି ଥାନା ଅନ୍ତର୍ଗତ ଧାନମଣ୍ଡଳ ଗାଁରେ ସୁଧାକରଙ୍କ ଜନ୍ମ। ବାପା ସ୍ୱର୍ଗତ ମାଧବାନନ୍ଦ କର, ମା' ସ୍ୱର୍ଗତା ଶୁଭଦ୍ରା କର। ୭ ଭାଇଭଉଣୀଙ୍କ ଭିତରେ ସେ ଥିଲେ ସବା ସାନ। ସମସ୍ତଙ୍କର ଭାରି ଗେହ୍ଲା। ପାଠରେ ଯେମିତି ଆଗୁଆ ଥିଲେ ଚଗଲାମି ବି ସେମିତି କରୁଥିଲେ। ଚଗଲାମି ପାଇଁ ବେଳେବେଳେ ବାପାଙ୍କଠୁ ଗାଳି ବି ଶୁଣୁଥିଲେ। ପିଲାଦିନେ ତାଙ୍କୁ ତାଙ୍କ ବାପା ଗୋଟିଏ କଥା କହିଥିଲେ, 'ସମ୍ପତ୍ତି ହେ ତୋର ବାଦଲ ଛାଇ, କୀରତି ହେ ତୋର ସବୁ ଦିନାଇ'। ସମ୍ପତ୍ତିକୁ ତାଙ୍କ ବାପା ବାଦଲର ଛାଇ ସହ ତୁଳନା କରୁଥିଲେ, ଯାହା ହେଉଛି କ୍ଷଣସ୍ଥାୟୀ। ହେଲେ କର୍ମ ହେତୁ ମଣିଷ ଯେଉଁ କୀର୍ତ୍ତି ଅର୍ଜେ, ତାହା ସବୁଦିନ ସବୁ ସମୟରେ ତା' ପାଖରେ ଥାଏ। ବାପାଙ୍କର ଏହି କଥା ପଦକୁ ସେ କେବଳ ମନେରଖି ନାହାନ୍ତି ତାକୁ ପାଳନ ମଧ୍ୟ କରିଛନ୍ତି। ବ୍ରାହ୍ମଣୀ ନଦୀ କୂଳରେ ନିଜ ଘର ଓ ମଝିଆ ଭଉଣୀର ଶାଶୁଘର ହୋଇଥିବାରୁ, କୁମ୍ଭୀର ଦେଖିବା ସୁଧାକରଙ୍କ ପାଇଁ ସାଧାରଣ କଥା ଥିଲା। କ୍ରମେ ବୟସ ବଢିବା ସହ କୁମ୍ଭୀର ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ସମ୍ପର୍କରେ ଜାଣିବାକୁ ତାଙ୍କର ଇଚ୍ଛା ହେଲା। ଫଳରେ ଏମ୍.ଏସ୍‌ସି ପାସ୍ କରିବା ପରେ ମିଳିତ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥା ଏଫ୍.ଏ.ଓ-ୟୁ.ଏନ୍.ଡି.ପି ତଥା ଭାରତ ସରକାରଙ୍କ ମିଳିତ ସହଯୋଗରେ ଆରମ୍ଭ ହେବାକୁ ଥିବା କୁମ୍ଭୀର ଓ ସମୁଦ୍ର କଇଁଛର ଗବେଷଣା ଓ ସଂରକ୍ଷଣ ନାମକ ପ୍ରୋଜେକ୍ଟରେ କାମ କରିବାକୁ ଇଚ୍ଛା କରି ସେ ଇଣ୍ଟରଭ୍ୟୁ ଦେଲେ। ଇଣ୍ଟରଭ୍ୟୁରେ ସିଲେକ୍‌ସନ୍ ହୋଇ ସେ ଭିତରକନିକାରେ ୧୯୭୫ରେ ବଉଳା କୁମ୍ଭୀର ଗବେଷକ ଭାବେ ଅବସ୍ଥାପିତ ହେଲେ। ସେ ହେଲେ ଓଡିଶା ତଥା ଭାରତର ପ୍ରଥମ ବଉଳା କୁମ୍ଭୀର ଗବେଷକ। ବଉଳା କୁମ୍ଭୀରଙ୍କ ଉପରେ ପି.ଏଚ୍‌ଡି କରିବାରେ ବି ସେ ହେଲେ ଭାରତର ପ୍ରଥମ ଓ ପୃଥିବୀର ଦ୍ୱିତୀୟ ବ୍ୟକ୍ତି। ବରିଷ୍ଠ ବୈଜ୍ଞାନିକ ଭାବେ ଚାକିରିରୁ ଅବସର ନେଇ ସାରିଥିଲେ ବି ଗବେଷଣା କ୍ଷେତ୍ରରେ ସେ ଏବେ ବି ସକ୍ରିୟ ଅଛନ୍ତି। ବଉଳା କୁମ୍ଭୀର ବ୍ୟତିତ ନନ୍ଦନକାନନର ଘଡିଆଳ କୁମ୍ଭୀର, ଗଞ୍ଜାମ ଜିଲାର ବାଲିପଦର ଭେଟନଇ କୃଷ୍ଣସାର ମୃଗ, ଚିଲିକା ପକ୍ଷୀମାନଙ୍କ ଉପରେ ସେ ବହୁ ଗବେଷଣା କରିଛନ୍ତି। ସେ କହନ୍ତି, ବାପାଙ୍କର ସେହି କଥା ପଦକ ପାଇଁ ମୁଁ ଏ ସ୍ଥାନରେ ପହଁଞ୍ଚିପାରିଛି। ଏବେ ମୁଁ ମୋ ପିଲାଙ୍କୁ ସେଇ ଏକା କଥା କହୁଛି, ସେମାନେ ବି ଏହାକୁ ମାନି ସଫଳତାର ଶିଡି ଚଢ଼ି ଚାଲିଛନ୍ତି।

**ବାପାଙ୍କ ରାଗ ମୋତେ ଦୃଢ଼ କଲା:** ପ୍ରେମାନନ୍ଦ ମାଝି (କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା)

ଦେବଗଡ଼ରେ ପ୍ରେମାନନ୍ଦଙ୍କ ଜନ୍ମ। ବାପା ସ୍ୱର୍ଗତ ଗୋବିନ୍ଦ ମାଝି, ବୋଉ ସ୍ୱର୍ଗତା ପୂର୍ଣ୍ଣିମା ମାଝି। ଅଭିନୟର ନିଶା ତାଙ୍କୁ ଜୋର୍‌ରେ ଘାରିଥିଲା। ତେଣୁ କଲେଜ ପଢ଼ା ସମୟରେ ସେ ଅନେକ ଅଡିଶନ୍ ଦେଲେ। ହେଲେ କୌଣସି ସୁଯୋଗ ମିଳିଲା ନାହିଁ। ତେଣୁ ପଢା ସରିଲା ପରେ ନିଜେ ଗୋଟିଏ ପ୍ରଡକ୍ସନ ହାଉସ୍ କରି ପ୍ରାମାଣିକ ଚଳଚ୍ଚିତ୍ର କରିବାକୁ ଅଣ୍ଟା ଭିଡିଲେ। ଏଥିପାଇଁ ଭିଡିଓ କ୍ୟାମେରା ଦରକାର ଥିବାରୁ ବାପାଙ୍କୁ କହିଲେ, କିନ୍ତୁ ବାପା ରାଜି ହେଲେନି। ବାପା ଚାହୁଁଥିଲେ ପୁଅ ପାଠପଢି ଚାକିରି କରୁ। ହେଲେ ପ୍ରେମାନନ୍ଦଙ୍କର ସେଇ ଗୋଟିଏ ଜିଦ୍। ତେଣୁ ଭଡାରେ କ୍ୟାମେରା ଆଣି ସେ କାମ ଆରମ୍ଭ କଲେ। ବୋଉ ନାଁରେ ପୂର୍ଣ୍ଣିମା ଫିଲ୍ମସ ବ୍ୟାନର କରି କେତେଜଣ ଲୋକାଲ ଆର୍ଟିଷ୍ଟଙ୍କୁ ନେଇ 'ସବୁଜ ସକାଳ' ନାମକ ଏକ ଭିଡିଓ ଫିଲ୍ମ ନିର୍ମାଣ କଲେ। କିନ୍ତୁ ଫିଲ୍ମଟି ଫ୍ଲପ୍ ହେବାରୁ ବହୁତ କ୍ଷତି ହେଲା। ବାପା ତାଙ୍କ ଉପରେ ଖୁବ୍ ରାଗିଲେ, ଯଦ୍ଦ୍ୱାରା ପ୍ରେମାନନ୍ଦ କାହାରିକୁ କିଛି ନ ଜଣାଇ ଘରଛାଡ଼ି ଭୁବନେଶ୍ୱର ଚାଲି ଆସିଲେ। ଭୁବନେଶ୍ୱର ଆସି ଏକ ଘରୋଇ ଗଣମାଧ୍ୟମରେ ସାମ୍ବାଦିକ ସହ କ୍ୟାମେରାମ୍ୟାନ୍‌ର କାମ କଲେ। ଯାହା ଦରମା ମିଳୁଥିଲା, ସେଥିରୁ କିଛି ସଞ୍ଚୟ କରୁଥିଲେ। ଏମିତି ପ୍ରାୟ ଦୁଇ ବର୍ଷ ବିତିଯିବା ପରେ ହଠାତ୍ ଦିନେ ତାଙ୍କ ପାଖକୁ ଖବର ଆସିଲା, ବାପା ଚାଲିଗଲେ। ଭାଙ୍ଗି ପଡିଲେ ସେ। ଏ ନେଇ ପ୍ରେମାନନ୍ଦ କହନ୍ତି, ଯାହାଙ୍କ ଉପରେ ଅଭିମାନ କରି ଘରଛାଡ଼ି ଚାଲି ଆସିଥିଲି ଆଜି ସେ ଆଉ ନାହାନ୍ତି ବୋଲି ଶୁଣି ଖୁବ୍ ଆଘାତ ଲାଗିଲା। ସାଙ୍ଗେ ସାଙ୍ଗେ ଗାଁକୁ ଗଲି। ବାପାଙ୍କ ପାର୍ଥିବ ଶରୀର ପାଖେ ବସି ବହୁତ କାନ୍ଦିଲି। ମନେମନେ ବାପାଙ୍କୁ କ୍ଷମା ବି ମାଗୁଥିଲି ଯେ, ଶେଷ ସମୟରେ ତାଙ୍କ ପାଖରେ ରହିପାରିଲିନି ବୋଲି। ତା'ସହିତ ବାପାଙ୍କ ପାଦଛୁଇଁ ଶପଥ ନେଲି, ଯେଉଁ କାରଣ ପାଇଁ ମୋର ତାଙ୍କ ସହ ମତାନ୍ତର ହୋଇଥିଲା, ସେହି ଦିଗରେ ସଫଳ ହୋଇ ଦେଖେଇବି। ବାପାଙ୍କ ମୃତ୍ତିକୀୟା କର୍ମ ସାରି ଆସି ଆଉ କିଛିଦିନ ଉକ୍ତ ଗଣମାଧ୍ୟମ ସଂସ୍ଥାରେ କାମ କଲି। ତା'ପରେ ସଞ୍ଚିତ ଟଙ୍କାରେ ନିଜର ଏକ ଭିଡିଓ କ୍ୟାମେରା କିଣି ଫ୍ରିଲାନ୍ସିଂରେ କ୍ୟାମେରାମ୍ୟାନ୍‌ର କାମ କଲି। ତା'ସହିତ ପୂର୍ଣ୍ଣିମା ଫିଲ୍ମସ ବ୍ୟାନରରେ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ତଥା ମ୍ୟୁଜିକ୍ ଭିଡିଓ ନିର୍ମାଣ କରିବା କାମ ବି ଆରମ୍ଭ କଲି। ନିଜସ୍ୱ ଉଦ୍ୟମରେ 'ପର୍ଯ୍ୟଟନ ଦେବଗଡ଼' ଓ ଗୋଂଡ ଜନଜାତିଙ୍କର ଦେବତା ଜଙ୍ଘାଦେବ ଠାକୁରଙ୍କ ଉପରେ ପ୍ରସ୍ତୁତ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ଡିଡି-୧ରେ ପ୍ରସାରିତ ହେଲାପରେ ମୋତେ ଅନେକ ସଫଳତା ମିଳିଲା। ତା'ପରେ 'ଜୟ ଜଗନ୍ନାଥ ସ୍ୱାମୀ', 'ତାଳ ଚାଲରେ କାଉଡିଆ', 'ଶୁଭ କଳସ' ନାମକ ତିନୋଟି ଭଜନ ଭିସିଡି ନିର୍ମାଣ କଲି। ଏହା ମଧ୍ୟ ମାର୍କେଟ୍‌ରେ ଭଲ ଚାଲିଲା। ଏହାପରେ ମୋତେ କ୍ରମାଗତ ଭାବେ ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ବିଭାଗ ଏବଂ ଜଳପରିମଳ ମିଶନ ତରଫରୁ ଓଡ଼ିଶାର ବିଭିନ୍ନ ଜିଲା ପାଇଁ ସୂଚନାତ୍ମକ ଚଳଚ୍ଚିତ୍ର ପ୍ରସ୍ତୁତ କରିବାର ସୁଯୋଗ ମିଳିଚାଲିଲା। ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ପ୍ରାୟ ୨୦୦ଟି ଏବଂ ଜଳ ପରିମଳ ମିଶନ ତରଫରୁ ପ୍ରାୟ ୧୫୦ଟି ସୂଚନାତ୍ମକ ଚଳଚ୍ଚିତ୍ର ଯା'ଭିତରେ ମୁଁ ପ୍ରସ୍ତୁତ କରିସାରିଲିଣି। ସେହିପରି ନିଜ ବ୍ୟାନର୍‌ରେ ପ୍ରସ୍ତୁତ ୫୨ ଏପିସୋଡ୍ ବିଶିଷ୍ଟ 'ରୁପାଜହ୍ନ' ନାମକ ମେଗା ଧାରାବାହିକଟି ଡିଡି-୧ରେ ପ୍ରସାରିତ ହୋଇ ଦର୍ଶକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇସାରିଛି। ତେଣୁ ଏତିକି କହିବି, ସେଦିନ ବାପାଙ୍କର ସେହି ରାଗ ହିଁ ମୋତେ ନିଜ ଗୋଡରେ ଠିଆ ହେବା ପାଇଁ ଦୃଢ କରାଇଛି।



ଶେଷରେ ଏତିକି କୁହାଯାଇପାରେ, ପିଲାମାନଙ୍କ ପାଇଁ ବାପାଙ୍କ ସ୍ନେହ ଯେମିତି ମିଠା ତାଙ୍କ ଗାଳି ବି ସେମିତି ମିଠା ଲାଗିବା ଦରକାର। କାରଣ ତାଙ୍କ ଗାଳିରେ ବି ଲୁଚି ରହିଥାଏ ସ୍ନେହାର୍ଶୀବାଦ, ଯାହା ସେମାନଙ୍କ ସନ୍ତାନଙ୍କର ଚଲାପଥରେ କେବେ ବି କଣ୍ଟା ବାଜିବାକୁ ଦିଏ ନାହିଁ।

**-ଅନ୍ୱିତା**

*ତଥ୍ୟ ସହାୟତା:* ***ଅଭିମନ୍ୟୁ ମିଶ୍ର, ଭାସ୍କର ରାଉତରାୟ***



# ଶ୍ରୀଚନ୍ଦନ ପରିବାର ସଦସ୍ୟ ୧୨୩

ଖୋର୍ଦ୍ଧା ସହରଠାରୁ ୧୬ ନଂ. ଜାତୀୟ ରାଜପଥରେ ବ୍ରହ୍ମପୁର ଆଡ଼କୁ ଗଲେ ୧୫ କି.ମି. ପରେ ପଡ଼ିବ ଗୟାବନ୍ଧ ଛକ। ସେଠାରୁ ଡାହାଣ ପଟକୁ ପଡ଼ିଥିବା ରାସ୍ତାରେ ୧ କି.ମି ଗଲେ ପଡ଼ିବ ଗୟାବନ୍ଧ ଗ୍ରାମ। ସେହି ଗାଁରେ ରହିଛି ଓଡ଼ିଶାର ସବୁଠୁ ବଡ଼ ପରିବାର 'ଶ୍ରୀଚନ୍ଦନ ପରିବାର'। ଗୋଟିଏ ପଟେ ନଡ଼ିଆ ବାରି, ଅନ୍ୟ ପଟେ ପୋଖରୀ। ପୁଣି ଅପର ପାର୍ଶ୍ୱରେ ଆମ୍ବ ପଣସର ବଗିଚା ଭିତରେ ଶ୍ରୀଚନ୍ଦନ ପରିବାରର ଘର। ଯାହାକୁ ଦେଖିଲେ ସ୍ୱତଃ ମନରେ ଆସିବ "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର..."। କାହିଁକି ନା ଏଇ କଥାକୁ ଏଇ ପରିବାରର ସଦସ୍ୟମାନେ ନିହାତି ଭାବରେ ଧେୟ କରିଛନ୍ତି, ନଚେତ୍ ସ୍ନେହ ବିନା ଏତେ ବଡ଼ ପରିବାରର କଳ୍ପନା କେବେବି କରି ହୁଅନ୍ତାନି।

ଏହି ବଡ଼ ପରିବାରର ମୂଳଦୁଆ ପଡ଼େ ଭରତ ଶ୍ରୀଚନ୍ଦନଙ୍କଠାରୁ। ତାଙ୍କର ହେଉଛନ୍ତି ପାଞ୍ଚପୁଅ। ବିଦ୍ୟାଧର ଶ୍ରୀଚନ୍ଦନ, ବୈରାଗୀ ଶ୍ରୀଚନ୍ଦନ, ଗିରିଧାରୀ ଶ୍ରୀଚନ୍ଦନ, ଗଦାଧର ଶ୍ରୀଚନ୍ଦନ ଓ ସଦାନନ୍ଦ ଶ୍ରୀଚନ୍ଦନ। ସେମାନଙ୍କର ପିଲାମାନେ ଓ ତାଙ୍କ ପିଲାଙ୍କର ପିଲାମାନଙ୍କୁ ନେଇ ଏବେର ପରିବାର। ଏବେ ପରିବାରର ସବୁଠୁ ବୟୋଜ୍ୟେଷ୍ଠା ସଦସ୍ୟା ହେଲେ ବିଦ୍ୟାଧର ଶ୍ରୀଚନ୍ଦନଙ୍କ ପତ୍ନୀ ଶ୍ରୀମତୀ କନକ ମଞ୍ଜରୀ ଶ୍ରୀଚନ୍ଦନ। ତେବେ ପରିବାରର ମୁଖିଆ ହେଲେ ବିଦ୍ୟାଧରଙ୍କ ବଡ଼ପୁଅ ରାସ ବିହାରୀ ଶ୍ରୀଚନ୍ଦନ। ଯାହାଙ୍କ ନୀତି ନିର୍ଦ୍ଦେଶ, ମୁରବିପଣିଆ ଆଉ ସ୍ନେହମମତା ସମସ୍ତଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଛି। ପରିବାରର ସମସ୍ତେ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବା ସହିତ ତାଙ୍କରି ନିର୍ଦ୍ଦେଶରେ ହିଁ ପରିବାରର ପରିଚାଳନା ହୁଏ।



ସର୍ବକନିଷ୍ଠ ସଦସ୍ୟ ଆଞ୍ଜେଲ୍

**ଆଜିର ସମୟରେ ପରିବାର ଛୋଟରୁ ଛୋଟ ହୋଇ ଚାଲିଥିବାବେଳେ ଶ୍ରୀଚନ୍ଦନ ପରିବାର କିନ୍ତୁ ବ୍ୟତିକ୍ରମ। ୧୨୩ ସଦସ୍ୟ ବିଶିଷ୍ଟ ଏହି ପରିବାର ସମସ୍ତଙ୍କ ପାଇଁ ପାଲଟିଛି ଦୃଷ୍ଟାନ୍ତ...**

**କେମିତି ଚାଲେ ପରିବାର:** ପରିବାରକୁ ସୁଖଶାନ୍ତିରେ ଚଳେଇବା ପାଇଁ ସ୍ନେହ ମମତାକୁ ବାଦ୍ ଦେଲେ ଆଉ ଯାହା ନିହାତି ଆବଶ୍ୟକ, ତାହାହେଲା ଅର୍ଥ ବା ରୋଜଗାର। ତେଣୁ ଏତେବଡ଼ ପରିବାରକୁ ସୁରୁଖୁରୁରେ ଚଳେଇବା କେବେବି ସାମାନ୍ୟ କଥା ନୁହେଁ। କିନ୍ତୁ ଶ୍ରୀଚନ୍ଦନ ପରିବାର ପାଇଁ ଏହା କେବେବି ସମସ୍ୟା ନୁହେଁ। କାରଣ ଏହି ପରିବାର ହେଉଛି କୃଷିଭିତ୍ତିକ ପରିବାର। କାଜୁରୁ ବର୍ଷକୁ ଦୁଇ ତିନି ଲକ୍ଷ ଟଙ୍କା ଆୟ ହେଉଥିବାବେଳେ ଆମ୍ବ ପଣସରୁ ଲକ୍ଷ ଲକ୍ଷ ଟଙ୍କା ; ପୁଣି ଧାନ, ନଡ଼ିଆ, ପନିପରିବା ଆଦି ବି ରହିଛି, ଯେଉଁଥିରୁ ବେଶ୍ ଅର୍ଥ ଉପାର୍ଜନ ହୋଇଥାଏ। ଚାଷବାସରୁ ହେଉଥିବା ଆୟରୁ ଘର ଚଳେଇବା ପାଇଁ ଗୋଟିଏ ଅଲଗା ପାଣ୍ଠି ରହିଛି। ସେଥିରୁ ପ୍ରତିଦିନର ଘର ଖର୍ଚ୍ଚ ସହ ପର୍ବପର୍ବାଣି, ଦେବାନେବା, ଦେହମୁଣ୍ଡ, ବନ୍ଧୁବେଭାର ଆଦି ହୋଇଥାଏ। ପରିବାର ବାହାରେ ରହୁଥିବା ସଦସ୍ୟମାନେ ବି ଘରକୁ ଟଙ୍କା ପଠାନ୍ତି। ଆଉ ସେସବୁ ବି ଏହି ପାଣ୍ଠିରେ ରୁହେ, ଯାହାକୁ ରାସ ବିହାରୀ ଶ୍ରୀଚନ୍ଦନ ପରିଚାଳନା କରନ୍ତି। ଆଉ ଏ ପର୍ଯ୍ୟନ୍ତ ସବୁ ସୁରୁଖୁରୁରେ ଚାଲିଆସିଛି।

**ଏକାଠି ଖାଉ, ଏକାଠି ରହୁ–** ଉକ୍ତ ପରିବାରରେ ଚାଳିଶ ବଖରା ଘର। ୧୨୩ ସଦସ୍ୟରୁ କିଛି ସଦସ୍ୟ ବାହାରେ ରହୁଛନ୍ତି। ତେବେ ପ୍ରାୟ ୯୮ଜଣ ଗୟାବନ୍ଧ ଗାଁ ଘରେ ରହୁଛନ୍ତି। ସକାଳ ୬ଟାରେ ଚା ପର୍ବ ଆରମ୍ଭ ହୁଏ। ଘରର ବଡ଼ ଆଉ କାମ କରୁଥିବା ଲୋକ ମିଶି ପ୍ରାୟ ୫୦ଜଣ ଚା ପିଅନ୍ତି। ୮ଟା ବେଳକୁ ଜଳଖିଆ। ଜଳଖିଆରେ ଉପମା, ହାଲୁଆ, ନଚେତ୍ ମାଣ୍ଡିଆ।



ବୟୋଜ୍ୟେଷ୍ଠା ସଦସ୍ୟା କନକ ମଞ୍ଜରୀ ଶ୍ରୀଚନ୍ଦନ



ପରିବାରର ମୁଖ୍ୟ ରାସବିହାରୀ ଶ୍ରୀଚନ୍ଦନ



ଅନ୍ୟତମ ସଦସ୍ୟ ଡ. ଦିଲ୍ଲୀପ ଶ୍ରୀଚନ୍ଦନ

ପିଲାମାନେ ବି ସେଇ ଜଳଖିଆ ଖାଆନ୍ତି। କେହିକେହି ପଖାଳ ବି ଖାଆନ୍ତି। ଖରାବେଳ ପାଇଁ ଭାତ, ଡାଲମା, ଶାଗ, ଖଟା କିମ୍ବା ପରିବା ଭଜା ଥାଏ। ଆମିଷ ଦିନ ଅଧିକାଂଶ ସମୟରେ ଡାଲମା ସହ ଚିଙ୍ଗୁଡ଼ି ଘାଣ୍ଟ ହୁଏ। ମାଛ, ମାଂସ ବହୁତ କମ୍, ମାସରେ ଥରେ ଦୁଇଥର ହୁଏ। ସେମିତି ସନ୍ଧ୍ୟାରେ ମୁଢ଼ି ଚୁଡ଼ା ଭଜା, ରାତିରେ ରୁଟି କି ପଖାଳ। ତେବେ ସବୁଦିନ ରୋଷେଇ ହଣ୍ଡାରେ, ଆଉ ଖାଇବା ଖଲିପତ୍ରରେ ହୁଏ। ନନା ରୋଷେଇ କରୁଥିବାବେଳେ ଘରର ବୋହୂମାନେ ପରିବାପତ୍ର କଟାକଟିଠାରୁ ଆରମ୍ଭ କରି ବଢ଼ାବଢ଼ିଯାଏ ସବୁ କରନ୍ତି। ପ୍ରଥମ ଥରରେ ୪୦/୫୦ ଜଣ ସଦସ୍ୟ ଏକାବେଳେ ବସି ଖାଆନ୍ତି। ତା'ପରେ ଯିଏ ଆସିଲା ଖାଇଲା।

ତେବେ ପର୍ବପର୍ବାଣି କି ବାହାଘର ଆଦିରେ ବନ୍ଧୁବାନ୍ଧବ ଆସିଲେ ପ୍ରାୟ ୩୦୦ ଲୋକଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ହୁଏ। ଏହି ପରିବାରର ଜଣେ ବରିଷ୍ଠ ସଦସ୍ୟ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ କୁହନ୍ତି– "ପଞ୍ଚତାରକା ହୋଟେଲରେ ଚିକେନ ଚାଉମିନ୍ ଖାଇବାରେ ଯେଉଁ ମଜା ନ ଥାଏ, ସେତିକି ସ୍ୱାଦିଷ୍ଟ ଲାଗେ ଆମ ଘରେ ସମସ୍ତଙ୍କ ସହିତ ବସି ଭାତ ଡାଲମା ଖାଇବାରେ।" ସେ ମନେପକାନ୍ତି ତାଙ୍କ ଜେଜେ ଥରେ କହିଥିଲେ– "ଘର ଭିତରେ କେବେ ବି ପାଚେରି ଉଠିବନି କି ବିଲ ଭିତରେ କେବେ ନୂଆ ହିଡ଼ ହେବନି।" ଯାହାକୁ ତାଙ୍କ ପରିବାରର ପ୍ରତ୍ୟେକ ସଦସ୍ୟ ଏଯାଏ ମାନି ଆସିଛନ୍ତି।


**ଏକାଠି ହେବାର ସମୟ ଭୁଲିହୁଏନା–**

'ପରିବାର ଦିବସ'ରେ ଆମ ପରିବାରର ସମସ୍ତେ ଏକାଠି ହୁଅନ୍ତି। ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ସମସ୍ତେ ଘରକୁ ଆସନ୍ତି। ଶ୍ରୀଚନ୍ଦନ ପରିବାରର ଏକ ଗୀତ ଅଛି–

'ଆମେ ଶ୍ରୀଚନ୍ଦନ ପରିବାର, ଗୋଟିଏ ଆମର ସ୍ୱର,
ଏକାଠି ଖାଉ ଆମେ ଏକାଠି ରହୁ, ଭେଦଭାବ ନାହିଁ ଆମ ଭିତରେ, ଆମେ ଶ୍ରୀଚନ୍ଦନ ପରିବାର.. ଗୋଟିଏ ଆମର ସ୍ୱର।'


ଏହି ଗୀତକୁ ପରିବାରର ସମସ୍ତେ ଗାଆନ୍ତି। ତେବେ ଏହି ଗୀତକୁ ନେଇ ପିଲାମାନଙ୍କ ଭିତରେ ପ୍ରତିଯୋଗିତା ହୁଏ। ଯିଏ ଭଲ ଗାଏ, ପୁରସ୍କାର ପାଏ। ଯେଉଁ ପିଲା ସେ ବର୍ଷ ସବୁଠୁ ଭଲ ନମ୍ବର ରଖିଥାଏ, ତାକୁ ସେ ବର୍ଷର ଶ୍ରେଷ୍ଠ ଛାତ୍ର ପୁରସ୍କାର ଦିଆଯାଏ। ପୁଣି ଯେଉଁ ବୋହୂ ବଡ଼ମାନଙ୍କ ଦାୟିତ୍ୱ ସହ ଘରର ଦାୟିତ୍ୱ ଭଲ ଭାବରେ ନେଇଥାଏ, ତାକୁ ଶ୍ରେଷ୍ଠ ବୋହୂର ମାନ୍ୟତା ବି ମିଳେ। ଅତିଥି ଆସି ପୁରସ୍କାର ଦିଅନ୍ତି। ପରିବାର ସଦସ୍ୟଙ୍କୁ ଉତ୍ସାହିତ କରିବା ପାଇଁ ଏ ସବୁ କରାଯାଏ। ପୁଣି ପ୍ରତିବର୍ଷ ଦୁଇଥର ପରିବାରର ସମସ୍ତେ ଏକାଠି ହୋଇ ପିକ୍‌ନିକ୍ କରିବାକୁ ଯାଆନ୍ତି। ଘରେ ରହିଛି ୧୫ଟିଭି ଓ ୧୩ଟି କାର୍। ହସଖୁସିରେ ଚାଲିଥିବା ଏହି ପରିବାରରେ ଯେବେବି କୌଣସି କାରଣରୁ ମନୋମାଳିନ୍ୟ ହୋଇଛି, ସେ କଥା ଘର ଭିତରେ ହିଁ ସମାଧାନ ହୋଇଛି। ଭାଇମାନଙ୍କ କଥା ଭାଇମାନେ ସମାଧାନ କରୁଥିବାବେଳେ ଝିଅ ବୋହୂଙ୍କ କଥା ଶାଶୁ ବୋହୂମାନେ ମିଶି ସମାଧାନ କରିଦିଅନ୍ତି। ଘରେ ଝିଅ ବୋହୂଙ୍କୁ ସମାନ ଦୃଷ୍ଟିରେ ଦେଖାଯାଏ।

ତେବେ ଏତେବଡ଼ ପରିବାର ଏକାଠି ହସଖୁସିରେ ରହିବାର ଆଉ ଗୋଟିଏ ମୁଖ୍ୟ କାରଣ ହେଲା ପରସ୍ପରକୁ ସାହାଯ୍ୟ କରିବାର ମନୋଭାବ। କାହାର କିଛି ବି ସମସ୍ୟା ଆସିଲେ ଅନ୍ୟମାନେ ତା' ସହିତ ଛିଡ଼ା ହୁଅନ୍ତି। ଯେଉଁଥିପାଇଁ ଶ୍ରୀଚନ୍ଦନ ପରିବାର ଆଜି ଓଡ଼ିଶାର ସର୍ବବୃହତ୍ ପରିବାର ହେବାର ଗୌରବ ଅର୍ଜନ କରିପାରିଛି। **– ରୋଜାଲିନ୍ ମହାନ୍ତି**




# ଅମିତାଭ୍ ଘୋଷ


**ଡେରାଡୁନ୍‌ର 'ଦି ଡୁନ୍ ସ୍କୁଲ୍'ରେ ପଢୁଥିବା ବେଳେ ଅମିତାଭ୍ ଘୋଷଙ୍କର ସମସାମୟିକଙ୍କ ମଧ୍ୟରେ ଥିଲେ ଲେଖକ ବିକ୍ରମ୍ ସେଠ ଏବଂ ଐତିହାସିକ ରାମଚନ୍ଦ୍ର ଗୁହା। ସ୍କୁଲ୍ ସମୟରୁ ଲେଖାଲେଖି ଆରମ୍ଭ କରିଥିଲେ ଅମିତାଭ୍। ସେତେବେଳେ ସେ ଉଭୟ ଗପ ଓ କବିତା ଲେଖୁଥିଲେ। ସେସବୁ ଡୁନ୍ ସ୍କୁଲ୍‌ର ସାପ୍ତାହିକୀରେ ପ୍ରକାଶ ପାଉଥିଲା।**




ଭାରତୀୟ ଇଂଲିଶ ଲେଖକମାନଙ୍କ ମଧ୍ୟରେ ଅମିତାଭ୍ ଘୋଷଙ୍କର ରହିଛି ଏକ ସ୍ୱତନ୍ତ୍ର ପରିଚିତି। ସେ ହେଉଛନ୍ତି ୫୪ତମ ଜ୍ଞାନପୀଠ ପୁରସ୍କାର ବିଜେତା। ତାଙ୍କର ଇଂଲିଶରେ ରଚିତ ଉପନ୍ୟାସ ସବୁ ବହୁ ଭାଷାକୁ ଅନୁଦିତ ଆଉ ଉଚ୍ଚ ପ୍ରଶଂସିତ ମଧ୍ୟ। ତାଙ୍କର ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି 'ଦ ସାର୍କଲ ଅଫ୍ ରିଜନ୍', 'ଦ ସ୍ୟାଡୋ ଲାଇନ୍ସ', 'ଦ କାଲକାଟା କ୍ରୋମୋଜମ୍', 'ଦ ଗ୍ଲାସ୍ ପ୍ୟାଲେସ୍', 'ଦ ହଙ୍ଗ୍ରି ଟାଇଡ୍', 'ରିଭର ଅଫ୍ ସ୍ମୋକ୍', 'ଫ୍ଲଡ ଅଫ୍ ଫାୟାର' ଏବଂ 'ଗନ୍ ଆଇଲାଣ୍ଡ'। ସେହିଭଳି ତାଙ୍କର ନନ୍ ଫିକ୍ସନ୍ (ପ୍ରବନ୍ଧ) ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି 'ଇନ୍ ଆନ୍ ଆଣ୍ଟିକ୍ ଲ୍ୟାଣ୍ଡ', 'ଡ୍ୟାନ୍ସିଂ ଇନ୍ କାମ୍ବୋଡ଼ିଆ ଆଣ୍ଡ ଆଟ୍ ଲାର୍ଜ ଇନ୍ ବର୍ମା', 'ଦ ଇମାମ୍ ଆଣ୍ଡ ଦ ଇଣ୍ଡିଆନ୍', 'ଇନ୍‌ସେଣ୍ଡିଆରୀ ସାରକ୍ୟୁମ୍‌ଷ୍ଟାନ୍‌ସେସ୍' ଏବଂ 'ଦ ଗ୍ରେଟ୍ ଡିରେଞ୍ଜମେଣ୍ଟ'।

**ପ୍ରାଥମିକ ଜୀବନ :** ୧୯୫୬ ମସିହା ଜୁଲାଇ ୧୧ ତାରିଖରେ କଲିକତାର ଏକ ବଙ୍ଗାଳୀ ପରିବାରରେ ଜନ୍ମ ହୋଇଥିଲେ ଅମିତାଭ୍ ଘୋଷ୍। ଡେରାଡୁନ୍‌ରେ ସେ ନିଜର ଶିକ୍ଷା ଶେଷ କରିଥିଲେ। ଡେରାଡୁନ୍‌ର 'ଦି ଡୁନ୍ ସ୍କୁଲ୍'ରେ ପଢୁଥିବା ବେଳେ ତାଙ୍କର ସମସାମୟିକଙ୍କ ମଧ୍ୟରେ ଥିଲେ ଲେଖକ ବିକ୍ରମ୍ ସେଠ ଏବଂ ଐତିହାସିକ ରାମଚନ୍ଦ୍ର ଗୁହା। ସ୍କୁଲ୍ ସମୟରୁ ଲେଖାଲେଖି ଆରମ୍ଭ କରିଥିଲେ ଅମିତାଭ୍। ସେତେବେଳେ ସେ ଉଭୟ ଗପ ଓ କବିତା ଲେଖୁଥିଲେ। ସେସବୁ ଡୁନ୍ ସ୍କୁଲ୍‌ର ସାପ୍ତାହିକୀରେ ପ୍ରକାଶ ପାଉଥିଲା। ସେହି ସାପ୍ତାହିକୀର ସେତେବେଳର ସମ୍ପାଦକ ଦାୟିତ୍ୱ ତୁଲାଉଥିଲେ ବିକ୍ରମ୍ ସେଠ୍। ସ୍କୁଲ୍ ତଥା କଲେଜ୍ ସମୟରେ ତାଙ୍କର ସାହିତ୍ୟ ସହିତ ସମ୍ପୃକ୍ତି ବହୁଭାବରେ ବୃଦ୍ଧି ପାଇଥିଲା। ରାମଚନ୍ଦ୍ର ଗୁହାଙ୍କ ସହିତ ମିଶି ସେ ଏକ ମାଗାଜିନ୍ ପ୍ରକାଶ କରିଥିଲେ ଯାହାର ନାମ








ଥିଲା 'ହିଷ୍ଟ୍ରି ଟାଇମ୍‌ସ ଏଲଇ'। ଡୁନ୍‌ରୁ ପଢ଼ା ସାରି ସେ ଦିଲ୍ଲୀ ୟୁନିଭର୍ସିଟିର ସେଣ୍ଟ ଷ୍ଟିଫେନ୍ସ କଲେଜରେ ନାମ ଲେଖାଇଲେ। ପରେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସରୁ ଡିଗ୍ରୀ ହାସଲ କଲେ। ଇନ୍‌ଲାକ୍ସ ଫାଉଣ୍ଡେଶନ୍ ସ୍କଲାରଶିପ୍ ପାଇ ସେ ଅକ୍ସଫୋର୍ଡ ୟୁନିଭର୍ସିଟି ଗଲେ ଓ ସେଠାରେ ଡି.ଫିଲ୍ କଲେ। ତାଙ୍କର ଜର୍ନାଲିଜିମ୍ ପ୍ରତି ଖୁବ୍ ଆଗ୍ରହ ଥିଲା। ସେ ନୂଆଦିଲ୍ଲୀ ଫେରିଆସି ଇଣ୍ଡିଆନ୍ ଏକ୍ସପ୍ରେସ୍‌ରେ ପ୍ରଥମ ଚାକିରି ଜୀବନ ଆରମ୍ଭ କଲେ।

**କ୍ୟାରିୟର :** ସମ୍ପ୍ରତି ନ୍ୟୁୟର୍କ ହେଉଛି ଅମିତାଭ୍ ଘୋଷଙ୍କ ବାସସ୍ଥାନ। ପରିବାର କହିଲେ ସେ, ସ୍ତ୍ରୀ ଦିବୋରା ବାକେର ଏବଂ ଦୁଇ ସନ୍ତାନ : ଲିଲା ଏବଂ ନୟନ। ଅମିତାଭ୍‌ଙ୍କ ପରି ଦିବୋରା ମଧ୍ୟ ଜଣେ ଲେଖିକା। ତାଙ୍କର ଏକ ଲୋକପ୍ରିୟ ବହିର ନାମ 'ଇନ୍ ଏକ୍ସଟ୍ରିମିସ୍'। ଏହା ହେଉଛି ପ୍ରଖ୍ୟାତ ଆମେରିକାନ୍ କବି, ସମାଲୋଚିକା, ଔପନ୍ୟାସିକା, ପ୍ରାବନ୍ଧିକା ତଥା କ୍ଷୁଦ୍ରଗଳ୍ପ ଲେଖିକାଙ୍କ ଆତ୍ମଜୀବନୀ। ୧୯୯୯ ମସିହାରେ ଅମିତାଭ୍ ଘୋଷ ୟୁନିଭର୍ସିଟି ଅଫ୍ ନ୍ୟୁୟର୍କର କୁଇନ୍ସ କଲେଜ୍ ଫାକଲ୍‌ଟିରେ ଯୋଗ ଦେଇଥିଲେ। ସେଠାରେ ତାଙ୍କୁ 'କମ୍ପେୟାରେଟିଭ୍ ଲିଟରେଚର୍'ର ଡିଷ୍ଟିଙ୍ଗୁଇସ୍‌ଡ ପ୍ରଫେସର ଭାବରେ ନିଯୁକ୍ତି ଦିଆଯାଇଥିଲା। ୨୦୦୫ରେ ସେ ହାର୍ଭାର୍ଡ ୟୁନିଭର୍ସିଟିର ଇଂଲିଶ ବିଭାଗରେ ଭିଜିଟିଂ ପ୍ରଫେସର ଭାବରେ କାର୍ଯ୍ୟକରିଥିଲେ। ତେବେ ଏସବୁକୁ ଛାଡ଼ି ତାଙ୍କୁ ଶେଷରେ ଭାରତ ଫେରିଆସିବାକୁ ପଡ଼ିଲା। କାରଣ ସେ ଏକ ପୁସ୍ତକର ଟ୍ରାୟୋଲୋଜି ଉପରେ କାମ କରିବାକୁ ମନସ୍ଥ କରିଥିଲେ। ଏହି ଯୋଜନା କ୍ରମରେ ସେ ଲେଖିଥିଲେ ସି ଅଫ୍ ପପିଜ୍, ରିଭର ଅଫ୍ ସ୍ମୋକ୍ ଏବଂ ଫ୍ଲଡ ଅଫ୍ ଫାୟାର। ୨୦୦୭ରେ ତାଙ୍କୁ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା। ସେହିଭଳି ସେ ୨୦୦୯ରେ ରୟାଲ ସୋସାଇଟି ଅଫ୍ ଲିଟରେଚର୍‌ର ଫେଲୋ ଭାବରେ ନିର୍ବାଚିତ ହୋଇଥିଲେ।

**ଦ ସର୍କଲ ଅଫ୍ ରିଜନ :** 'ଦ ସର୍କଲ ଅଫ୍ ରିଜନ' ହେଉଛି ଅମିତାଭ୍ ଘୋଷଙ୍କ ପ୍ରଥମ ଉପନ୍ୟାସ। ଏହାର ରଚନା କାଳ ୧୯୮୬ ମସିହା। ଉପନ୍ୟାସର ନାୟକ 'ଆଲୁ'। ଆଲୁ ହେଉଛି ଏକ ଅନାଥ ପିଲା। ଆଲୁକୁ ଜଣେ ବ୍ୟକ୍ତି ପାଳିଛି। ଆଉ ତାକୁ ନେଇ ସେ ଏକ ବିଚିତ୍ର ସ୍ୱପ୍ନ ଦେଖୁଛି। ସେ ଭାବୁଛି ଆଲୁ ବଡ଼ ହୋଇ ତା' ପାଇଁ ଲଢ଼େଇ କରିବ। ଆଲୁକୁ ସେ ନିଜ ଯୁଦ୍ଧରେ ଜଣେ ସୈନିକ କରି ଠିଆ କରେଇବ। ତେବେ ଆଲୁର ପାଳକ ବାପା ଯେ ଜଣେ ଆତଙ୍କବାଦୀ – ଏଭଳି ଆଶଙ୍କା କରି ପୋଲିସ ସେମାନଙ୍କୁ ସନ୍ଦେହ ଘେରରେ ରଖୁଛି। ତେବେ ଏଭଳି ଏକ ପରିପ୍ରେକ୍ଷୀରେ ଆଲୁ ଦିନେ କୁଆଡ଼େ ଗାଏବ ହୋଇ ଯାଉଛି। ସେ କଲିକତା ଛାଡ଼ି ଗୋଆରେ ପହଞ୍ଚିଛି। ଗୋଆରେ ଗୋଟିଏ ଫିସିଂ ଟ୍ରଲରରେ ଯାଇ ବସି ଯାଉଛି ଯେଉଁ ଟ୍ରଲରଟି ବେଆଇନ୍ ଭାବରେ ଲୋକମାନଙ୍କୁ ଆଫ୍ରିକା ସ୍ଥାନାନ୍ତର କରୁଛି। ଏଭଳି ଏକ କଥାବସ୍ତୁକୁ ନେଇ ରଚିତ 'ଦ ସର୍କଲ ଅଫ୍ ରିଜନ' ଉପନ୍ୟାସଟିକୁ ବେଶ୍ ପାଠକୀୟ ତଥା ସମାଲୋଚକୀୟ ପ୍ରଶଂସା ମିଳିଥିଲା।





## ପୁଣ୍ୟତିଥି

–ଖଗେଶ୍ୱର ଖଣ୍ଡୁଆଳ

ସନ୍ଦେଶ ପଠାଇଥିଲ
ମହାମିଳନ ଘଟିବ
ସେହି ପୁଣ୍ୟ ତିଥିରେ
ବିଶ୍ୱାସର ପାହାଡ ଚଢି
ଆଗକୁ ଧାଇଁଲି ।
ହେଲେ ହଠାତ୍
କଳା ବାଦଲ ଖଣ୍ଡେ
ଢାଙ୍କିଦେଲା ସଫେଦ ଆକାଶକୁ
ଆବୋରି ବସିଲା ଅନ୍ଧାର
ନା ଯାଇପାରିଲି ଆଗକୁ
ନା ଫେରି ପାରିଲି ପଛକୁ
ଅଜଣା ମୋହରେ ପ୍ରତୀକ୍ଷା କଲି
ଆଉ ଏକ ପୁଣ୍ୟ ତିଥିକୁ ।

*–ଅରିଲୋ,*
*ସୋମପୁର, କଟକ*

## କବି ମୁଁ

–ବିନୟ ଭୂଷଣ ପାଣିଗ୍ରାହୀ

ହାତ ସିନା ମୋ'ର ପିଠିକୁ ପାଏନା
ଦିଗନ୍ତକୁ ଛୁଏଁ , ଛୁଏଁ ପାତାଳକୁ
ପାଇଯାଏ ଆକାଶକୁ ।
କବି ମୁଁ, କଳ୍ପନାର କାରିଗର,
କବି ମୁଁ, କଳ୍ପନାର ସୌଦାଗର ।।

ଭାବନାରେ ଉଡେ, ଭାବନାରେ ବୁଡ଼େ
ହଜେ ଭାବନାରେ, ଖୋଜେ ଭାବନାରେ
ଭାବରେ ଛନ୍ଦେ ମନକୁ ।
କବି ମୁଁ , ଭାବନାର ପାରାବାର,
କବି ମୁଁ , ବଣିକଟେ ଭାବନାର ।।
ପେଟପିଠି ଦୁଃଖ ବାଧେନାହିଁ ମୋତେ
ନାହିଁ ନାହିଁ ବୋଲି କହେନାହିଁ କେବେ
ଦୁଃଖରେ ଦେଖେ ସୁଖକୁ ।
କବି ମୁଁ , ପ୍ରେମରେ ଜୀବନ ମୋର,
କବି ମୁଁ , ନାବିକ ପ୍ରେମ ତରୀର ।।

*–ହାରସିଂହପୁର,ପୀରହାଟ ବଜାର*
*ଭଦ୍ରକ–୭୫୬୧୩୧*

ଦୁଇଟି ମିନି କଥା

## 'ବାପା ନମ୍ବର – ଏକ'

–ଶିବ ମିଶ୍ର

ସିଏ ଚାରି ପୁଅଙ୍କ ବାପା । ତାଙ୍କ ବଡ଼ ପୁଅ ଚାକିରିଆ । ତା' ତଳପୁଅ ବ୍ୟବସାୟୀ । ତା' ତଳପୁଅ ରାଜନୀତିଆ ନେତା । ସେ ତିନିଜଣ ଯାକ, ଛଅ ହାତରେ କଳାଧନ ରୁଣ୍ଡେଇବାରେ ଲାଗିଥିଲେ । ଆଉ ସେଥିରେ ଅର୍ଜୁଥିବା ପାପର ପ୍ରାୟଶ୍ଚିତ୍ତ ପାଇଁ ନିଜ ନିଜ ବେଳ ଦେଖି ସାଧୁସନ୍ଥଙ୍କ ଦର୍ଶନ କରି ପ୍ରଚୁର ଧନ ଦକ୍ଷିଣା ଦେଉଥିଲେ । ତାଙ୍କ ବାପା ସବୁ ଦେଖୁଥିଲେ ବି ଏ ସମ୍ପର୍କରେ ତୁଣ୍ଡ ନ ଖୋଲି ବନ୍ଦ ରଖୁଥିଲେ । ଦିନେ ସାନପୁଅ ଆସି ବାପାଙ୍କୁ ପଚାରିଲା– ବଡ ଭାଇମାନେ ଗୋଟିଏ ଗୋଟିଏ କାମରେ ଲାଗିଗଲେ– ସିଏ ଏବେ କୋଉ କାମ କରିବ ? ବାପା କେତେ ଦିନ ହେଲା ସଜାଡ଼ି ରଖିଥିବା– ଗେରୁଆ ଲୁଗା, ରୁଦ୍ରାକ୍ଷ ମାଳି, ଆଉ ଦି'ଟା କଠଉ ପୁଅକୁ ଧରାଇ ଦେଲେ । ପୁଅ ପଚାରିଲା– ଏ ସବୁରେ କ'ଣ ହେବ ? ବାପା କହିଲେ– ଘର ଧନ ଘରେ ରହିବ, ଭାଇମାନଙ୍କର ପ୍ରାୟଶ୍ଚିତ୍ତ ହେବ ।

## 'ବାପା ନମ୍ବର – ଦୁଇ'

ଗୋଟିଏ ଚରିତ୍ରହୀନ ବେକାର ଯୁବକକୁ ଭଲ ପାଇ ବଡ଼ଝିଅ ନିଜ ଇଚ୍ଛାରେ ବାହା ହୋଇଗଲା ଦିନ ବାପା ତାକୁ ଅଟକାଇବା ପାଇଁ ଯାଉଥିଲେ । ଅଧା ବାଟରେ ଆଇନ ହାବୁଡ଼ି ଯାଇ କହିଲା– ଝିଅ ନିଜ ପସନ୍ଦରେ ବାହା ହୋଇ ପାରିବ । ତା' ବୟସ ଅଠରରୁ ଅଧିକ ହେଲାଣି । ତୁମେ ତାକୁ ବାଧା ଦେଇପାରିବ ନାହିଁ ।

ସେଠାରୁ ମୁହଁ ପୋତି ଫେରିଥିବା ବାପା– ଏବେ ସାନ ଝିଅ ପାଇଁ ପ୍ରସ୍ତାବ ଖୋଜି ତା'ର ବାହାଘରର ତିଥି ବାର ସ୍ଥିର କରିଦେଲେ । ସିଏ ନିମନ୍ତ୍ରଣ ପତ୍ର ବାଣ୍ଟିବା ପାଇଁ ଗଲା ବେଳକୁ ଆଇନ କୋଉଠି ଥିଲା କେଜାଣି, ପୁଣି ଆସି ବାଟ ଓଗାଳି କହିଲା – ସାନ ଝିଅକୁ ମଧ୍ୟ ତୁମ ଇଚ୍ଛାରେ ବାହା ଦେଇ ପାରିବ ନାହିଁ । କାରଣ ତା' ବୟସ ଅଠରରୁ କମ୍ ।

ଅସହାୟ ବାପା ଘରକୁ ଆସି ସ୍ତ୍ରୀଙ୍କୁ ପଚାରିଲେ– ଆମ ଦୁଇ ଝିଅଙ୍କ ଅସଲ ବାପା କିଏ ମୁଁ – ନା – ଆଇନ ? ସ୍ତ୍ରୀ ଜଳକାଙ୍କ ପରି ଚାହିଁଥିଲେ । ତାଙ୍କ ତୁଣ୍ଡରେ କଥା ନ ଥିଲା ।

*–ବାଣପୁର, ଖୋରଧା*



# ଦୋଛକିରେ ପଡିଛନ୍ତି ଶାହରୁଖ

ଲଗାତର ଫିଲ୍ମଗୁଡିକ ଫ୍ଲପ ହେବା ପରେ ଶାହରୁଖ ନିଜ କ୍ୟାରିୟରକୁ ନେଇ ଆଶଙ୍କାରେ ପଡିଛନ୍ତି। ବିଶେଷଭାବରେ 'ଜିରୋ' ଫ୍ଲପ୍ ହେବା ପରେ ସେ କେତୋଟି ଭଲ ଅଫରକୁ ହାତଛଡା କରିଛନ୍ତି। ଏପରି କି ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମାଙ୍କ ବାୟୋପିକ୍‌ରେ ଅଭିନୟ କରିବେ ନାହିଁ ଶାହରୁଖ। ନିକଟରେ 'ଧୂମ-୪' ପାଇଁ ତାଙ୍କୁ ଅଫର ଦିଆଯାଇଛି ଏବଂ ଏଥିରେ ସେ ଆକ୍ଟିଂ କରିବେ କି ନାହିଁ ସେ ନେଇ ଦୋଛକିରେ ପଡିଯାଇଛନ୍ତି। କାରଣ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ନେଗେଟିଭ ରଚିତ୍ରରେ ଅଭିନୟ କରିବାକୁ ତାଙ୍କୁ ଅଫର ଦିଆଯାଇଛି। ସେପଟେ ଏଥିରେ ଶାହରୁଖଙ୍କ ବ୍ୟତୀତ ଅଭିଷେକ ବଚ୍ଚନ ଏବଂ ଉଦୟ ଚୋପ୍ରାଙ୍କୁ ମଧ୍ୟ ଅଫର ଦିଆଯାଇଥିବା ଶୁଣିବାକୁ ମିଳୁଛି। ସେହିପରି 'ଧୂମ-୪' ପାଇଁ ପ୍ରଯୋଜକ ଜଣେ ନୂଆ ନିର୍ଦ୍ଦେଶକ ସନ୍ଧାନରେ ଅଛନ୍ତି ବୋଲି ଚର୍ଚ୍ଚା ହେଉଛି।



ତାପସୀ

# ବୋଲ୍ଡ ପାଇଁ ଟେନସନ

ତାପସୀ ପାନ୍ନୁ କ'ଣ କରିବେ ଜାଣିପାରୁନାହାନ୍ତି। କାରଣ ବୋଲ୍ଡ ଶଟ୍‌କୁ ନେଇ କ'ଣ ଦି ପଦ କହିଦେଲେ ଯେ ଏବେ ପ୍ରଯୋଜକ ଏପରି ଭୂମିକା ପାଇଁ ତାଙ୍କର ପିଛା ଛାଡିବାକୁ ନାରାଜ। କଥା କ'ଣ କି ରିଲିଜ ଅପେକ୍ଷାରେ ଥିବା ହିନ୍ଦୀ ସିନେମା 'ସାଣ୍ଡ କି ଆଁଖ୍'ରେ ସେ କେତୋଟି ଗରମା ଗରମ ଶଟ୍ ଦେଇଛନ୍ତି। କେବଳ ସେତିକି ନୁହେଁ, ଏହାକୁ ନେଇ ସେ ନିଜ ପ୍ରତିକ୍ରିୟାରେ କହନ୍ତି, 'ବୋଲ୍ଡ ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହୁଏ ତାହା ମୁଁ ଜାଣିପାରୁନି। ଏହି ଫିଲ୍ମରେ ମୁଁ ଯେଉଁ କେତୋଟି ବୋଲ୍ଡ ଶଟ୍ ଦେଇଛି ତାହାର କାହାଣୀ ସହ ସଂଯୋଗ ରହିଛି। ତେଣୁ ସେପରି ଶଟ୍ ଦେବାକୁ ମୁଁ କୁଣ୍ଠାବୋଧ କରି ନ ଥିଲି। ଭବିଷ୍ୟତରେ ବି ଯଦି ଏପରି ସୁଯୋଗ ମିଳେ ତା'ହେଲେ ମଧ୍ୟ ମନା କରିବି ନାହିଁ।' ଏହି କଥା ଶୁଣିବା ପରେ ଏବେ ତାଙ୍କୁ ଯେଉଁ ଅଫର ମିଳୁଛି ସେଗୁଡିକ ମଧ୍ୟରୁ କେତୋଟିରେ କିଛି କ୍ଲୋଜ ଶଟ୍ ରହିଛି। ପୁଣି ଏହାକୁ ନେଇ ଏବେ ତାପସୀଙ୍କ ଟେନସନ ବଢ଼ିଯାଇଛି। ଏ ନେଇ ଶେଷ ନିଷ୍ପତ୍ତି ନେବାକୁ ମୋତେ ୧୦-୧୫ଦିନ ସମୟ ଲାଗିବ ବୋଲି କହିଛନ୍ତି ଏହି ଅଭିନେତ୍ରୀ। ତେବେ ଏପରି ଅଫରକୁ ସେ ଗ୍ରୀନ ସିଗନାଲ ଦେଖାଉଛନ୍ତି ନା ମନା କରିଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା। 'ସାଣ୍ଡ କି ଆଁଖ୍' ପୂର୍ବରୁ ତାପସୀ 'ବେବି', 'ପିଙ୍କ୍', 'ନାମ୍ ସବାନା' ଏବଂ 'ବଦଲା' ପରି ହିନ୍ଦୀ ସିନେମାରେ ଅଭିନୟ କରିସାରିଛନ୍ତି।

# ଘାରିଛି ପେଣ୍ଟିଂ ନିଶା




ହୁମା

ହୁମା କ୍ୟୁରେସିଙ୍କୁ ଏବେ ପେଣ୍ଟିଂ ନିଶା ଘାରିଛି। କଥା କ'ଣ କି ନିକଟରେ ସେ ଏକ ଚିତ୍ରକଳା ପ୍ରଦର୍ଶନୀ ବୁଲିବାକୁ ଯାଇଥିଲେ। ସେଠାରେ ପ୍ରଦର୍ଶିତ ଚିତ୍ରଗୁଡିକୁ ଦେଖିବା ପରେ ସେ ବେଶ୍ ପ୍ରଭାବିତ ହୋଇଥିଲେ। ଏପରି କି କେତେକ ଚିତ୍ର ତାଙ୍କୁ ଜୀବନ୍ତ ଲାଗିଥିଲା ଏବଂ ସେଗୁଡିକୁ କିପରି ପେଣ୍ଟିଂ କରାଯାଇଛି ତାହା ପଚାରି ବୁଝିଥିଲେ ହୁମା। କେବଳ ସେତିକି ନୁହେଁ, ନିଜେ ଯେତେବେଳେ ପେଣ୍ଟିଂ ଶିଖିବାକୁ ଇଚ୍ଛା ପ୍ରକାଶ କଲେ ସେଠାରେ ଉପସ୍ଥିତ କେତେକ ଚିତ୍ରକର ସହଯୋଗର ହାତ ବଢ଼ାଇଥିଲେ। ବାସ୍, ତା'ପରେ ହୁମାଙ୍କ ଖୁସି ଦେଖେ କିଏ ? ଏବେ ସେ ପ୍ରତିଦିନ କିଛି ସମୟ ପେଣ୍ଟିଂ ଶିଖୁଛନ୍ତି। ଏ ବିଷୟରେ ହୁମା କହନ୍ତି, 'ପିଲାଦିନେ ପେଣ୍ଟିଂ ଶିଖୁଥିଲି। ତା'ପରେ ସମ୍ପୂର୍ଣ୍ଣ ଭାବରେ ଟଚ୍ ଛାଡିଯାଇଛି। ନିକଟରେ ଏକ ପେଣ୍ଟିଂ ଏକ୍‌ଜିବିଶନ ଦେଖିବା ପରେ ମୁଁ ପୁଣି ଥରେ ପେଣ୍ଟିଂ ଶିଖିବାକୁ ଆଗ୍ରହ ପ୍ରକାଶ କରିଛି।'

# ଜନ୍ ଯାହା ଚାହୁଁଥିଲେ..

ଜନ୍ ଆବ୍ରାହମ୍‌ଙ୍କ ଖୁସି କହିଲେ ନ ସରେ। କାରଣ ସେ ଯେଉଁଭଳି ଭୂମିକାଟିଏ ଚାହୁଁଥିଲେ ତାହା ତାଙ୍କୁ ମିଳି ଯାଇଛି। ତେଣୁ ତାଙ୍କ ମୁହଁରେ ଏବେ ପ୍ରଯୋଜକ-କମ୍-ନିର୍ଦ୍ଦେଶକ ସଞ୍ଜୟ ଗୁପ୍ତାଙ୍କ ପ୍ରଶଂସା। କାରଣ ସଞ୍ଜୟଙ୍କ ଆଗାମୀ ଆକ୍ସନଭିତ୍ତିକ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏଥିରେ ସେ ଜଣେ ଗ୍ୟାଙ୍ଗଷ୍ଟର ଭାବରେ ଅବତୀର୍ଣ୍ଣ ହେବେ। ଏହାବ୍ୟତୀତ ଏହି ଫିଲ୍ମରେ ଇମ୍ରାନ୍ ହାସମୀ ମଧ୍ୟ ଅଭିନୟ କରିବେ। ନିଜର ଏଭଳି ମନ ପସନ୍ଦର ଭୂମିକା ବିଷୟରେ ସୂଚନା ଦେଇ ଜନ୍ କହନ୍ତି, 'ଯେତେବେଳେ ସଞ୍ଜୟ ମୋ ଭୂମିକା ବିଷୟରେ ମୋତେ ସୂଚନା ଦେଲେ ସେତେବେଳେ ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। କାରଣ ଏଭଳି ଏକ ଭୂମିକାରେ ଅଭିନୟ କରିବାକୁ ମୋର ଅନେକ ଦିନ ହେଲା ଆଶା ଥିଲା। କେବଳ ମୋ ଭୂମିକା ନୁହେଁ, ଏହି ଫିଲ୍ମର କାହାଣୀରେ ନୂତନତ୍ୱ ରହିଛି। ଉକ୍ତ ଗ୍ୟାଙ୍ଗଷ୍ଟର ଡ୍ରାମା ବିଶେଷଭାବରେ ଯୁବପିଢ଼ୀଙ୍କୁ ଅଧିକ ପ୍ରଭାବିତ କରିବ।' ଅନ୍ୟପକ୍ଷରେ ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ନୂଆ ସିନେମାର ପ୍ରାରମ୍ଭିକ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଶୀ ଦଶକରେ ବମ୍ବେରେ ଘଟିଥିବା ଏକ ଗ୍ୟାଙ୍ଗୱାରକୁ ନେଇ କାହାଣୀ ରଚିତ ହୋଇଛି। ଆସନ୍ତା ମାସରୁ ଏହାର ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ସଞ୍ଜୟ।



# ସତ ହେଲା ଆକଳନ

ନିକଟରେ ରିଲିଜ ହୋଇଥିବା 'ଭାରତ' ଫିଲ୍ମକୁ ନେଇ ସଲମାନ ଯାହା ଆକଳନ କରି କହିଥିଲେ ତାହା ସତ ହୋଇଛି। ରିଲିଜ ହେବାର ଦିନ କେଇଟାରେ ଏହା ଦର୍ଶକଙ୍କ ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଛି। ମୁକ୍ତିଲାଭ କରିବାର ମାତ୍ର ଦୁଇ ଦିନରେ ଏହା ୧୦୦କୋଟି କ୍ଲବ୍‌ରେ ସାମିଲ ହୋଇଛି। ଖାସ୍ କଥା ହେଲା, ଫିଲ୍ମଟି ଏଭଳି ସଫଳତା ନିଶ୍ଚୟ ପାଇବ ବୋଲି ପୂର୍ବାନୁମାନ କରିଥିଲେ ଏହାର ନାୟକ ସଲମାନ। 'ଯେତେବେଳେ ଏହାର କାହାଣୀ ଚୟନ କରାଗଲା ସେତେବେଳେ ମୋର ହୃଦବୋଧ ହୋଇଥିଲା ଯେ ଫିଲ୍ମଟି ନିଶ୍ଚୟ କ୍ଲିକ୍ କରିବ। ଶୁଟିଂ ପରେ ମୋର ଏହି ଆଶା ଆହୁରି ଦୃଢ଼ ହୋଇଥିଲା ଏବଂ ତାହା ଶେଷରେ ସତରେ ପରିଣତ ହୋଇଛି। ଏଥିପାଇଁ 'ଭାରତ' ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଜଣାଉଛି।' ପ୍ରଥମ ସପ୍ତାହ ଶେଷ ସୁଦ୍ଧା ଫିଲ୍ମଟି ପାଖାପାଖି ୧୫୭କୋଟି ଇନକମ୍ କରିଛି। ଅନ୍ୟପକ୍ଷରେ ଏହି ସିନେମା ପାଖାପାଖି ୬ ସପ୍ତାହ ଚାଲିବ ଏବଂ ଏହା ୨୫୦ କୋଟିରୁ ଅଧିକ ଇନକମ କରିବ ବୋଲି ଆକଳନ କରିଛନ୍ତି ଏହାର ନିର୍ଦ୍ଦେଶକ ଅଲ୍ଲୀ ଆବାସ ଜାଫର।



ସଲମାନ୍-କ୍ୟାଟ୍ରିନା

# ଆଶାରେ ଅଭିଷେକ

ଅଭିଷେକ ରଥ ଏବେ ଠାରୁ ଦିନ ଗଣିବା ଆରମ୍ଭ କଲେଣି। କାରଣ ତାଙ୍କ ଅଭିନୀତ 'କ୍ରେଜି-୪ : ଆମେ ଓଡିଆ ଟୋକା' ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି। ଏଥିରେ ଶିବା ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ଅଭିଷେକ। ଆଉ ଏହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଏହି ଅଭିନେତା। କାହାଣୀ ଅନୁସାରେ ଇଞ୍ଜିନିୟରିଂ ପାସ୍ କରିବା ପରେ ଚାକିରି ପାଇଁ ଚେଷ୍ଟା କରି ବିଫଳ ହୁଏ ଶିବା। ନିଜର ତିନିଜଣ ବନ୍ଧୁଙ୍କ ସହ ମିଶି ଜୀବନକୁ ଉପଭୋଗ କରିବାକୁ ଆପଣାଏ ଏକ ଭିନ୍ନ ଉପାୟ। ଲୋକମାନଙ୍କୁ ବୋକା ବନାଇ ସେମାନେ ମଜା ନିଅନ୍ତି। ଯା ଭିତରେ ସେ ଜଣେ ଝିଅ ପ୍ରେମରେ ପଡ଼ିଯାଏ। ଆଉ ତା'ପରେ ? ଚାକିରି କରିବା ଲକ୍ଷ୍ୟରେ ଆଗେଇଥିବା ଶିବା ସେଥିରେ ସଫଳ ହୁଏ କି ? ନିଜ ପ୍ରେମକୁ ସେ କିପରି ଶେଷ ରୂପ ଦିଏ ? ଏ ସବୁର ଉତ୍ତରକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'କ୍ରେଜି-୪'। ଆଇ ଫୋକସ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଏହି ରୋମାଣ୍ଟିକ୍-କମେଡି ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଜେ. ରଞ୍ଜନ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସାମାରାଜ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଏସ୍. ଚନ୍ଦ୍ରକାନ୍ତ। ଅଭିଷେକଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ସୂର୍ଯ୍ୟମୟୀ। ଅନ୍ୟପକ୍ଷରେ ଉତ୍ତମ ମହାନ୍ତି, ପିଣ୍ଟୁ ନନ୍ଦ, ଶୁଭାଶିଷ ଶର୍ମା (ମଣ୍ଟୁ), ପ୍ରଜ୍ଞା, ପ୍ରତାପ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



ଅଭିଷେକ-ସୂର୍ଯ୍ୟମୟୀ

# ମଉନେ ବସିଛି ମଉନାବତୀ, ସରିନି ସପନ ପାହିଲା ରାତି

**ପ୍ରଶ୍ନ–** ସ୍ୱପ୍ନରେ ମୋ ମନର ମଣିଷ ଆସୁଛି। ହେଲେ ଆଖି ଖୋଲିଲା ବେଳକୁ ସେ କୁଆଡ଼େ ଉଭାନ୍ ହୋଇ ଯାଉଛନ୍ତି। କେବଳ ଭାବି ଭାବି ସମୟ କଟିଯାଉଛି। କ'ଣ କରିବି ?

– ସୁପ୍ରିୟା, ସାଲେପୁର, କଟକ

**ଉତ୍ତର:** 'ମଉନେ ବସିଛି ମଉନାବତୀ, ସରିନି ସପନ ପାହିଲା ରାତି।' ଏମିତି ମନ ମାରି ବସିଲେ କିଛି ଲାଭ ନାହିଁ। ଯଦି ମନର ମଣିଷକୁ ସବୁବେଳେ ପାଖରେ ରଖିବାକୁ ଚାହୁଁଛନ୍ତି, ତେବେ ସପନ ରାଇଜରୁ ଓହ୍ଲାଇ ବାସ୍ତବତାକୁ ଆସନ୍ତୁ। ନିଜର ମନଲାଖି ମଣିଷ ମନରେ ଏମିତି ଜାଗାଟିଏ ସୃଷ୍ଟି କରନ୍ତୁ, ଯେମିତି ସାରା ଜୀବନ ଦୁହେଁ ଏକାଠି ରହିବେ। ଏମିତି ବର୍ଷ ବର୍ଷ ଧରି ଭାବିଲେ କିଛି ଲାଭ ନାହିଁ। ତେଣୁ ପ୍ରେମର ତୀର ଏମିତି ମାରନ୍ତୁ, ଯେମିତି ତାହା ନିଶ୍ଚୟ ସଫଳ ହେବ।

**ପ୍ରଶ୍ନ–** କେତେ କଷ୍ଟରେ ଜଣେ ସୁନ୍ଦରୀ ମନକୁ ଜିଣିଥିଲି। ପ୍ରଥମେ ପ୍ରଥମେ ଆମର ପ୍ରେମ ଫୁଲ୍ ସ୍ପିଡ୍‌ରେ ଚାଲିଲା। ହେଲେ ମଝିରେ କ'ଣ ହେଲା କେଜାଣି ସେ ଆଉ ମୋ ସହ କଥା ହେଉନି। ପୁଣି ଦେଖିଲେ ବାଟ ଭାଙ୍ଗି ଚାଲିଯାଉଛି। ମୁଁ ଏବେ କ'ଣ କରିବି ଜାଣି ପାରୁନାହିଁ।

– ସ୍ୱାଗତ ରାଉତ, ରେଢ଼ାଖୋଲ, ସମ୍ବଲପୁର

**ଉତ୍ତର:** ଆରମ୍ଭରୁ ଦୁହିଁଙ୍କୁ ପ୍ରେମନିଶା ଫୁଲ୍ ଘାରିଥିଲା। ବୋଧହୁଏ ଏହି ପ୍ରେମ ଭିତରେ କିଛି କେଁ ରହିଯାଇଛି। କେବଳ କୁଲୁକୁଲୁ ହୋଇ ଲଭ୍ କଲେ ଚଳିବନି, ମନରେ ମନ ଏମିତି ମିଶିବା ଦରକାର ; ଯେମିତି କୌଣସି ଭାଇରସ୍ ଆପଣଙ୍କ ପ୍ରେମକୁ ଆଫେକ୍ଟ କରିବନି। ତେବେ ଯାହାହେଉ, ଏବେ ତ ଆଉ ସେ ଚାନ୍ଦିନୀ ରାତି କି ଭାବ ପୀରତି ନାହିଁ। ତେଣୁ ସେ ପଛକଥା ଭାବି କିଛି ଲାଭ ନାହିଁ। ଯଦି ଆପଣଙ୍କ ପ୍ରେମିକାର ମୁହଁରୁ ଆଉ ପ୍ରେମର ସିଗ୍‌ନାଲ ଦେଖିବାକୁ ମିଳୁନାହିଁ, ତେବେ ସେହି ପ୍ରେମକୁ ଯେତେଶୀଘ୍ର ଗୁଡ୍‌ବାୟ କରିବେ ତାହା ଆପଣଙ୍କ ପାଇଁ ମଙ୍ଗଳ। ଏଥର ପଛ କଥାକୁ ଭୁଲ ପୁଣିଥରେ ଲଭ୍ ମିଶନ ଆରମ୍ଭ କରନ୍ତୁନା !

**ପ୍ରଶ୍ନ–** ପ୍ରେମରେ ଧୋକା ଖାଇଲେ ଅନେକେ ଝିଅଙ୍କୁ ଦୋଷ ଦିଅନ୍ତି। କାହିଁକି ?

– ଦିବାକର ସାହୁ, ପୁରୀ

**ଉତ୍ତର:** ଗୋଟିଏ ହାତରେ କେବେ ତାଳି ବାଜିଲାଣି ? ଗୋଟିଏ ପଟରୁ ୭୫% ଦୋଷ ଥିଲେ, ଅନ୍ୟପଟରୁ ୨୫% ଭୁଲ ରହିବ। ତେଣୁ ପ୍ରେମରେ ଧୋକାକୁ ନେଇ ଜଣକ ମୁଣ୍ଡରେ ଦୋଷ ଲଦିଦେବା କେତେଦୂର ଠିକ୍ ଥରେ ନିଜେ ବିଚାର କରନ୍ତୁ।

**ପ୍ରଶ୍ନ–** ମୁଁ ମୋ ବଡ଼ଭାଇଙ୍କ ଶାଳୀ ପ୍ରେମରେ ପଡ଼ିଯାଇଛି। ଯଦି ଘରେ ଏକଥା ଜାଣିବେ, ତେବେ ମହାପ୍ରଳୟ ହେବାର ଆଶଙ୍କା ରହିଛି। କ'ଣ କରିବି ଜାଣିପାରୁନାହିଁ।

– ସନ୍ତୋଷ କୁମାର, ବ୍ରହ୍ମପୁର

**ଉତ୍ତର:** ଜାଣତରେ ହେଉ ଅଥବା ଅଜାଣତରେ, ପ୍ରେମ ରାସ୍ତାରେ ଗୋଡ଼ ଖସାଇ ସାରିଛନ୍ତି। ପୁଣି ଯାହାକୁ ପ୍ରେମ କରୁଛନ୍ତି, ସେ ହେଉଛନ୍ତି ଆପଣଙ୍କ ବଡଭାଇଙ୍କ ଶାଳୀ। କଥାଟି ତ ନିଶ୍ଚୟ ଗୁରୁତର। କାରଣ ଯେତେବେଳେ ଏକଥା ଘରଲୋକ ଜାଣିବେ, ସେତେବେଳେ ପରିସ୍ଥିତି କ'ଣ ହେବ ପୂର୍ବରୁ ଜାଣିସାରିଲେଣି। ଯଦି ତାହାକୁ ସମ୍ମୁଖୀନ ହୋଇ ପ୍ରେମିକାକୁ ନିଜର କରିପାରିବେ ତେବେ ଆଗାନ୍ତୁ। ନ ହେଲେ ଏଭଳି କ୍ଷଣିକ ପ୍ରେମର ଯବନିକା ଟାଣିଲେ ହିଁ ଆପଣଙ୍କ ଟେନ୍‌ସନ ଦୂର ହେବ।





ପ୍ରଥମ ରୋଜଗାର

# ରୋଜଗାର ଟଙ୍କା ବ୍ୟବସାୟରେ ଲଗାଉଥିଲି



ଲେଖକ, ସଂସ୍କୃତିପ୍ରେମୀ ତଥା ଜୟୀ ରାଜଗୁରୁ ସ୍ମୃତି ପରିଷଦର ସାଧାରଣ ସମ୍ପାଦକ **ଜଟାଧାରୀ ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପୁରୀ ଜିଲା ବୀରହରେକୃଷ୍ଣପୁର ଶାସନ ଗାଁରେ ମୋର ଜନ୍ମ। ଆମେ ୪ ଭାଇଭଉଣୀ (୩ ଝିଅ ଓ ୧ ପୁଅ) ମଧ୍ୟରେ ମୁଁ ଥିଲି ବଡ଼। ଆମ ନନା ସାକ୍ଷୀଗୋପାଳରେ ନଡ଼ିଆ ବ୍ୟବସାୟ କରୁଥିଲେ। ମୋତେ ମାତ୍ର ୧୩/୧୪ ବର୍ଷ ହୋଇଥିଲାବେଳେ ନନାଙ୍କର ଅକାଳ ବିୟୋଗ ହେଲା। ଘରର ସବୁ ଦାୟିତ୍ୱ ମୋ ଉପରେ ପଡ଼ିଲା। ତେଣୁ ପାଠପଢ଼ା ସହ ନନାଙ୍କର ନଡ଼ିଆ ବ୍ୟବସାୟ କଥା ବି ବୁଝିଲି। ଏଥିରୁ ଯାହା ରୋଜଗାର ହୁଏ, ଘର ଖର୍ଚ୍ଚ ଓ ଆମ ଭାଇଭଉଣୀମାନଙ୍କ ପଢାଖର୍ଚ୍ଚ ପରେ ଆଉ ଯେତିକି ବଳେ, ତାକୁ ସେହି ବ୍ୟବସାୟରେ ହିଁ ଲଗେଇ ଦେଉଥିଲି। ଏମିତିରେ ବୀରହରେକୃଷ୍ଣପୁର ଉଚ୍ଚ ବିଦ୍ୟାଳୟରୁ ୧୯୬୮ ମସିହାରେ ମାଟ୍ରିକ୍ ପାସ୍ କରି ଏସ୍‌ସିଏସ୍ କଲେଜରେ ପଢ଼ିଲି। ସେଠାରୁ ବିଏ ପାସ୍ କରି ବାଣୀବିହାରରେ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ୍‌ରେ ପିଜି କଲି। ତା'ପରେ ପୁରୀ ଗଙ୍ଗାଧର ମହାପାତ୍ର ଲ'କଲେଜରେ ଏଲ୍‌ଏଲ୍‌ବି ପଢିଲି। ପଢ଼ା ସରିବା ପରେ ବ୍ୟବସାୟରେ ସମ୍ପୂର୍ଣ୍ଣ ମନଯୋଗ ଦେଲି। କିଛିଦିନ ପରେ ଏକ ଓଡ଼ିଆ ଚଳଚ୍ଚିତ୍ର କରିବାକୁ ଆଗ୍ରହ କରି ଟଙ୍କା ଖର୍ଚ୍ଚ କଲି। ଫଳରେ 'ଜୟ ମା' ମଙ୍ଗଳା' ନାଁରେ ଏକ ଓଡ଼ିଆ ଚଳଚ୍ଚିତ୍ର ରିଲିଜ୍ ହେଲା। ଏହା ସେତେ ଭଲ ବିଜନେସ୍ କଲାନାହିଁ। ଫଳରେ ମୁଁ ବୁଝିଗଲି ଯେ, ଚଳଚ୍ଚିତ୍ର ଦୁନିଆରେ ଟିକ୍ସିବା ସେତେ ସହଜ କଥା ନୁହେଁ। ତେଣୁ ଆଉ ସେ ଦିଗରେ ମନ ନ ଦେଇ ନଡ଼ିଆ ବ୍ୟବସାୟରେ ଧ୍ୟାନ ଦେଲି। ୨୦୦୬ ମସିହା ପର୍ଯ୍ୟନ୍ତ ନଡିଆ ବ୍ୟବସାୟ କଲି। ଆଉ ତା'ରି ଭିତରେ ମୁଁ ସାକ୍ଷୀଗୋପାଳ ନଡିଆ ବ୍ୟବସାୟ ସଂଘର ସଭାପତି ରହିବା ସହ ଗାଁ ଲୋକଙ୍କ ମିଳିତ ସହଯୋଗରେ 'ଜୟୀ ରାଜଗୁରୁ ସ୍ମୃତି ସଂସଦ' ଓ 'ଜୟୀ ରାଜଗୁରୁ ସ୍ମୃତି ପରିଷଦ' ନାମରେ ଦୁଇଟି ଅନୁଷ୍ଠାନ ଗଢ଼ିଲି। ସେବେଠାରୁ ଜୟୀ ରାଜଗୁରୁ ସ୍ମୃତି ସଂସଦ ତରଫରୁ ପ୍ରତିବର୍ଷ ଜୟୀ ରାଜଗୁରୁ ଜୟନ୍ତୀ ପାଳନ କରାଯାଉଛି। ତା'ସହିତ ତାଙ୍କ ଜନ୍ମସ୍ଥାନରେ ଏକ ସ୍ମୃତିପୀଠ ଏବଂ ସର୍ବସାଧାରଣଙ୍କ ବ୍ୟବହାର ନିମିତ୍ତ ଏକ କମ୍ୟୁନିଟି ହଲ୍ ମଧ୍ୟ ନିର୍ମାଣ କରାଯାଇଛି। ସେହିପରି ଉକ୍ତ ସଂସଦର ଉଦ୍ୟମରେ ୨୦୦୮ରେ ଜୟୀ ରାଜଗୁରୁଙ୍କର ଏକ ଅଏଲ୍ ପେଣ୍ଟିଂ ଫଟୋ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହାଉସ୍‌ରେ ସ୍ଥାନିତ ହୋଇଛି। ଅନ୍ୟପକ୍ଷେ, ଜୟୀ ରାଜଗୁରୁ ସ୍ମୃତି ପରିଷଦ ତରଫରୁ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଏବଂ ଭଦ୍ରକରେ ଅନେକ ସେମିନାର ତଥା ଓଡିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ସହଯୋଗରେ ପ୍ରତିବର୍ଷ ଜୟଦେବ ଭବନଠାରେ ଆଲୋଚନା ଚକ୍ରମାନ ଆୟୋଜନ କରାଯାଉଛି। ତା'ଛଡ଼ା ଓଡିଶା ସରକାରଙ୍କ ସଂସ୍କୃତି ବିଭାଗର ସହଯୋଗରେ ଏହି ସ୍ମୃତି ପରିଷଦ ତରଫରୁ ବୀରହରେକୃଷ୍ଣପୁର ବଜାର ଛକ ଏବଂ ଭୁବନେଶ୍ୱର ଏଜି ଛକରେ ଜୟୀ ରାଜଗୁରୁଙ୍କର ଦୁଇଟି ବୋଞ୍ଜ ପ୍ରତିମୂର୍ତ୍ତି ମଧ୍ୟ ସ୍ଥାପନ କରାଯାଇଛି, ଯାହା ମୋ ପାଇଁ ଅତି ଖୁସିର କଥା। ଏସବୁ ବ୍ୟତୀତ ନାସିକ୍‌ସ୍ଥିତ ଯଶୋବନ୍ତ ରାଓ ଚୌହାନ ଓପନ୍ ୟୁନିଭର୍ସିଟିରେ ମୁଁ ଜୟୀ ରାଜଗୁରୁଙ୍କ ଉପରେ ରିସର୍ଚ୍ଚ କାମ ଜାରି ରଖିଛି। ସେହିପରି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଶ୍ରୀମନ୍ଦିର ଓ ୧୬ ଶାସନ ଉପରେ ମଧ୍ୟ ରିସର୍ଚ୍ଚ କରୁଛି। ଏହାଛଡ଼ା ୨୦୦୬ ମସିହାରୁ ନଡ଼ିଆ ବ୍ୟବସାୟ ବନ୍ଦକରି ବିଭିନ୍ନ ସମାଜ ମଙ୍ଗଳ କାର୍ଯ୍ୟରେ ନିଜର ସମୟ ଅତିବାହିତ କରୁଛି। ଯଥା: ମୁକ୍ତିମଣ୍ଡପ ପଣ୍ଡିତ ସଭାର କିଛିଦିନ ଉପସଭାପତି ରହିବା ପରେ ଏବେ ମୁଁ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦର ସମ୍ପାଦକ ଦାୟିତ୍ୱ ତୁଲାଉଅଛି। ସେହିପରି ବୀରହରେକୃଷ୍ଣପୁର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଭାପତି, ପୁରୀ ପୁସ୍ତକମେଳା କମିଟିର ଉପସଭାପତି ଏବଂ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସାଧାରଣ ସମ୍ପାଦକ ଦାୟିତ୍ୱରେ ଏବେ ବି ମୁଁ ଅଛି। ଏହାଛଡ଼ା ବୀରହରେକୃଷ୍ଣପୁର ଗ୍ରାମପଞ୍ଚାୟତ ତରଫରୁ କ୍ରମାଗତ ଭାବେ ୩ଥର ସରପଞ୍ଚ ଏବଂ ଥରେ ସମିତି ସଭ୍ୟ ଭାବେ ମଧ୍ୟ ପ୍ରତିନିଧିତ୍ୱ କରିସାରିଛି। ଲେଖାଲେଖିରେ ବି ମୋର ରୁଚି ରହିଛି। ୟା' ଭିତରେ 'ଅନୁଭୂତିରେ ଶ୍ରୀଜଗନ୍ନାଥ' ଓ 'ଅନୁଭୂତିରେ ଶ୍ରୀଲୋକନାଥ' ନାମକ ୨ଟି ପୁସ୍ତକ ମୋର ପ୍ରକାଶ ପାଇସାରିଲାଣି। ସେହିପରି 'ଐତିହ୍ୟରେ ସଂକୀର୍ତ୍ତନ' ନାମରେ ୪ଟି ଭିନ୍ନ ଭିନ୍ନ ପୁସ୍ତକ ବି ପ୍ରକାଶିତ ହୋଇଛି, ଯାହାର ମୁଁ ସମ୍ପାଦକ ଦାୟିତ୍ୱ ତୁଲାଇଅଛି। ତା'ଛଡ଼ା ପୁରୀ କାଉନ୍‌ସିଲ ଅଫ୍ କଲ୍‌ଚରର ସହଯୋଗିତାରେ ମୁଁ ଜୟୀ ରାଜଗୁରୁଙ୍କ ଉପରେ ଏକ ଜୀବନୀ ମଧ୍ୟ ଲେଖିଛି, ଯାହାର ନାଁ ହେଉଛି 'ଓଡ଼ିଶାର ପ୍ରଥମ ଶହୀଦ ଜୟୀ ରାଜଗୁରୁ'। ତା'ଛଡ଼ା 'ଭାରତର ଗୌରବ ଚାଖି ଖୁଣ୍ଟିଆ' ଓ 'ଭାରତର ପ୍ରଥମ ଶହୀଦ ଜୟୀ ରାଜଗୁରୁ' ନାମରେ ଦୁଇଟି ପୁସ୍ତକ ବି ମୋର ଅପ୍ରକାଶିତ ହୋଇ ରହିଛି। ଏ ସବୁ ବାଦ୍ ମନୁଷ୍ୟ ଶରୀରରେ ସର୍ପ ବିଷ ଏବଂ ତା'ଉପରେ ମନ୍ତ୍ରର ପ୍ରଭାବ ଉପରେ ମଧ୍ୟ ମୋର ଗବେଷଣା ଚାଲୁ ରହିଛି। ଶେଷରେ କେବଳ ଏତିକି କହିବି, ଦିନେ ମୁଁ ମୋ ପରିବାର ପାଇଁ ରୋଜଗାର କରୁଥିଲି। କିନ୍ତୁ ଆଜି ମୋ ପୁଅ ସେ ଦାୟିତ୍ୱ ତା' ମୁଣ୍ଡକୁ ନେଇ କହୁଛି, ନନା ତମେ କେବଳ ଆରାମ କର, ରୋଜଗାର କଥା ଏବେ ମୁଁ ବୁଝିବି। ପିଲାମାନଙ୍କର ଏଇ କଥାପଦିକ ସବୁ ମା'ବାପାଙ୍କୁ ଖୁବ୍ ଆତ୍ମଶାନ୍ତି ଦିଏ।



# ସାଗର ଶ୍ରୀକ୍ଷେତ୍ର



ସାଗର ଶ୍ରୀକ୍ଷେତ୍ର: ଚିଲିକାର ମହିଷା-ବରହମପୁର ନାସି





ଗୁରୁବାଇ ନାସିରେ ଥିବା ଲୋଟଣୀବର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ବଡ଼ ବିଚିତ୍ର। ସେ ହିଁ ସର୍ବତ୍ର ବିଦ୍ୟମାନ। ନୀଳକନ୍ଦରର ଅନତି ଦୂରରେ ମହାପ୍ରଭୁଙ୍କର ଚରଣାରବିନ୍ଦକୁ ଧୋଇ ନାଚି ଉଠୁଥିବା ମହୋଦଧି(ବଙ୍ଗୋପସାଗର) ତା'ର ବେଳାଭୂମିରେ ଅଙ୍କିତ କରେ ଶ୍ରୀଜଗନ୍ନାଥ ସଂସ୍କୃତିର ଐତିହ୍ୟ। ତେବେ ସାଗର ପରି ନୀଳାମ୍ବୁ ଚିଲିକା ବି ବାଦ ପଡ଼ିନାହିଁ ମହାପ୍ରଭୁଙ୍କ ସେବାରୁ । ତା'ର ନୀଳ ଜଳରାଶିରେ ମହାପ୍ରଭୁଙ୍କ ଗୋପନ ଆଶ୍ରୟସ୍ଥଳୀ ରହିଥିବାରୁ ଚିଲିକାର ନୀଳ ଜଳରାଶି ହୋଇପାରିଛି ଶୁଚିମନ୍ତ। ଅତୀତରେ ବିଭିନ୍ନ ସମୟରେ ବିଦେଶୀ ଶତ୍ରୁ ଓ ବିଧର୍ମୀଙ୍କ ଆକ୍ରମଣ ଆଶଙ୍କାରେ ମହାପ୍ରଭୁଙ୍କ ଦାରୁବ୍ରହ୍ମର ଅନିଷ୍ଟ ଚିନ୍ତା କରି ସେବକ, ଭକ୍ତମାନଙ୍କ ଦ୍ୱାରା ମହାପ୍ରଭୁଙ୍କୁ ଚିଲିକାର ଏକାଧିକ ସ୍ଥାନରେ ଲୁଚାଇ ରଖାଯାଇଥିଲା। ସେହି ପବିତ୍ର ସ୍ଥାନମାନଙ୍କ ମଧ୍ୟରେ ମହିଷା-ବରହମପୁର ନାସି ଅନ୍ୟତମ। ଏହା ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଚିଲିକା ମଧ୍ୟରେ ଅବସ୍ଥିତ। ବରହମପୁର ଗ୍ରାମର ଅନତି ଦୂରରେ ରହିଛି ଏହି ପବିତ୍ର ପୀଠ। ଯାହା ସାଗର ଶ୍ରୀକ୍ଷେତ୍ର ଭାବେ ପରିଚିତ।ଏହି ସ୍ଥାନ ସମ୍ପର୍କରେ ଗବେଷକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି ଦାରୁଦିଅଁ ଆଠଥର ଚିଲିକାକୁ ଏବଂ ଚିଲିକା ମଧ୍ୟଦେଇ ଅନ୍ୟ ସ୍ଥାନକୁ ଲୀଳା କରିବାକୁ ଯାଇଥିଲେ। ପାଞ୍ଚଥର ଚିଲିକା ମଧ୍ୟରେ ଲୀଳା କରିଥିବାବେଳେ ତିନିଥର ଚିଲିକା ବକ୍ଷଦେଇ ଅନ୍ୟସ୍ଥାନକୁ ଲୀଳା କରିବାକୁ ଯାଇଥିଲେ। ଇତିହାସରୁ ଜଣାପଡ଼େ- ଅତୀତରେ ବିଧର୍ମୀ କଲ୍ୟାଣମଲ୍ଲର ପ୍ରଥମ ଆକ୍ରମଣ କାଳରେ ଗଜପତି ଶ୍ରୀ ପୁରୁଷୋତ୍ତମ ଦେବଙ୍କ ନିର୍ଦ୍ଦେଶରେ ସେବାୟତ ଓ ରାଜ କର୍ମଚାରୀମାନେ ମହାପ୍ରଭୁଙ୍କ ସୁରକ୍ଷା ନିମନ୍ତେ ଚିଲିକାକୁ ଗୋପନ ବିଜେ କରାଇଥିବା ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି। କଲ୍ୟାଣମଲ୍ଲର ଦ୍ୱିତୀୟ ଆକ୍ରମଣ ସମୟରେ ଦାରୁଦିଅଁ ଚିଲିକା ମହିଷାରେ ସିପନାସିକୁ ଯାଇଥିଲେ। ସେଠାରେ ନବଦିନାତ୍ମକ ଗୁଣ୍ଡିଚାଯାତ୍ରା ସମ୍ପନ୍ନ ହୋଇଥିବାର ଜଣାପଡ଼େ। ଏଠାରେଥିବା ସର୍ବେଶ୍ୱର ମନ୍ଦିର ହିଁ ସେତେବେଳେ ଶ୍ରୀଗୁଣ୍ଡିଚା ଘରଭାବେ ବ୍ୟବହୃତ ହୋଇଥିଲା। ଚିଲିକାର ଏହି ମହିଷା ନାସିରେ ତିନିଚକକୁ ରଖାଯାଇ ଦାରୁ ବିଗ୍ରହଙ୍କୁ ରଖାଯାଇଥିଲା। ଏହାକୁ ଚକାନାସି ବୋଲି କୁହାଯାଉଥିବା ବେଳେ ସେହି ପୁରରେ ବ୍ରହ୍ମ ରଖା ଯାଇଥିବାରୁ ଏହି ଗ୍ରାମର ନାମ ବରହମପୁର ନାମିତ ହୋଇଥିବା ଜନଶ୍ରୁତି ରହିଛି। ୧୬୧୧ରୁ ୧୬୧୨ମସିହା ପର୍ଯ୍ୟନ୍ତ ଏହି ସ୍ଥାନରେ ଦାରୁବିଗ୍ରହଙ୍କୁ ସ୍ଥାନିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ଶିବପ୍ରସାଦ ପାତ୍ର କୁହନ୍ତି ସମୟ କ୍ରମେ ଏଠାରେ ମନ୍ଦିରଭାବେ ଏକ ଚାଳଛପର ଓ ଆଜବେଷ୍ଟ ଛପରଗୃହ ନିର୍ମାଣ କରାଯାଇଛି। ପ୍ରତ୍ୟହ ସକାଳୁ ସନ୍ଧ୍ୟା ଓ ରାତିରେ ପହଡ଼ ପର୍ଯ୍ୟନ୍ତ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥାଏ। ପ୍ରତିବର୍ଷ କାର୍ତ୍ତିକ ମାସରେ ପଞ୍ଚୁକ ମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ସ୍ୱତନ୍ତ୍ର ଭାବେ ପାଳିତ ହୋଇଥାଏ। ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । କୃଷ୍ଣଚନ୍ଦ୍ର ଜେନା କୁହନ୍ତି ଏହି ପବିତ୍ର ପୀଠକୁ ଆସିବାକୁ ହେଲେ ସାତପଡ଼ା ଓ ଜହ୍ନିକୁଦରୁ ଡଙ୍ଗାରେ ଚିଲିକା ମଧ୍ୟରେ ଆସିବାକୁ ପଡ଼ିଥାଏ। ଏହି ଅଞ୍ଚଳରେ ମାଟି ଖନନ କଲେ ବାଲିତଳୁ ବିଭିନ୍ନ ଭଙ୍ଗା ମାଟିପାତ୍ର ବାହାରୁ ଥିବାର ନଜିର ରହିଛି । ପୂର୍ବକାଳରେ ଏହି ଅଞ୍ଚଳରେ କମା ବ୍ରାହ୍ମଣମାନଙ୍କ ଏକ ଜନବସତି ଥିଲା। କେତେକ ପୂଜକ ମଧ୍ୟ ଥିଲେ। ଗଜପତି ଅମୃତ ମଣୋହୀ ଜମି ଖଞ୍ଜା ଦେଇଥିଲେ। ଚଳିତ ୨୦୧୯ମସିହା ଫନୀ ବାତ୍ୟାରେ ପବିତ୍ର ସାଗରକ୍ଷେତ୍ରରେ ଥିବା ବହୁସଂଖ୍ୟକ ଗଛ ଭାଙ୍ଗି ଯାଇଛି। ଅନ୍ୟପକ୍ଷେ ଗୁରୁବାଇ ନାସିରେ ଥିବା ଲୋଟଣୀବର ମଧ୍ୟ ଭାଙ୍ଗି ଯାଇଛି। ଦିନଥିଲା ଏଠାରେ ମହାପ୍ରଭୁଙ୍କ ଦାରୁବ୍ରହ୍ମଙ୍କୁ ଗୋପନ ରଖାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି ପବିତ୍ର ଲୋଟଣୀବର ପୀଠସମ୍ପର୍କରେ ଅନେକ ପୁରାଣ, ସାହିତ୍ୟରେ ଅଲୌକିକ କଥା ସ୍ଥାନ ପାଇଛି।-**ବନବିହାରୀ ବେହେରା,କୈଳାସ ପଟ୍ଟନାୟକ**



ଗୁରୁବାଇର ଶ୍ରୀଜଗନ୍ନାଥଙ୍କ ମନ୍ଦିର

# ମଡେଲ ମିରର୍



ରଜତ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ହଗିସ୍

ଗାଁର ଜଣେ ମହିଳା ଟ୍ରେନ୍‌ରେ ନିଜ କୁନି ପୁଅର କାଛା ବଦଳାଉଥିଲେ । ଏହା ଦେଖି ଜଣେ ସହରୀ ମହିଳା– ହଗିସ୍ ନାହିଁ କି ?
ଗାଁ ମହିଳା– ନା ଦିଦି ଖାଲି ମୁତିସ୍ ଅଛି ।


## ଅଟା


ଯୁବତୀ ଦୋକାନୀକୁ–ଅଟା ଅଛି ?
ଦୋକାନୀ– ରିସ୍ତା ନେବ ?
ଯୁବତୀ– ଆଶୀର୍ବାଦ ଦିଅ ।
ଦୋକାନୀ– ବୁଢୀଟେ ହେଇଥା । ପାଚିଲା କେଶରେ ସିନ୍ଦୂର ନାଉଥା । ତିନି ପିଲାଙ୍କ ମା’ ହେଇଯାଅ ।

## ବାଦାମ

ସ୍ତ୍ରୀ ବାଦାମ ଖାଉଥିବା ଦେଖି ସ୍ୱାମୀ– ମତେ ବି ଟେଷ୍ଟ କରିବାକୁ ଦିଅ ।
ସ୍ତ୍ରୀ ଗୋଟିଏ ବାଦାମ ଦେଲେ । ଏହା ଦେଖି ସ୍ୱାମୀ– ଏ କ’ଣ ଗୋଟିଏ ଦଉଛ ?
ସ୍ତ୍ରୀ– ବାକି ସବୁ ବାଦାମର ଟେଷ୍ଟ ବି ତା’ରି ଭଳି ।

# ହଳଦୀ ଉତ୍ପାଦନର ସହର ଇରୋଡ









**ତାମିଲନାଡୁସ୍ଥିତ ଏକ ଛୋଟ ସହର ହେଉଛି ଇରୋଡ। କାବେରୀ ନଦୀର ତଟଦେଶରେ ଅବସ୍ଥିତ ଏହି ସହରରେ ଭଲ ହଳଦୀ ଚାଷ କରାଯାଇଥାଏ। ତା'ଛଡ଼ା ହ୍ୟାଣ୍ଡଲୁମ୍ ବସ୍ତ୍ର ମଧ୍ୟ ଏଠାରେ ବେଶ୍ ଚାହିଦା ରହିଛି...**

ତାମିଲନାଡୁର ଇରୋଡ ଜିଲା ଅନ୍ତର୍ଗତ ଏକ ଛୋଟ ସହର ହେଉଛି ଇରୋଡ। କାବେରୀ ନଦୀର ତଟଦେଶରେ ଅବସ୍ଥିତ ଏହି ସହର ଯଥାକ୍ରମେ ଚେନ୍ନାଇଠାରୁ ପ୍ରାୟ ୪୦୦ କି.ମି, କୋଏମ୍ବାଟୁରଠାରୁ ୮୦ କି.ମି, ତିରୁପ୍ପୁରଠାରୁ ପ୍ରାୟ ୫୦ କି.ମି ଦୂରରେ ଅବସ୍ଥିତ। ବ୍ୟବସାୟ କ୍ଷେତ୍ରରେ ଇରୋଡର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଖାସ୍‌କରି ହଳଦୀ ବ୍ୟବସାୟ ଏଠାରେ ଭଲ ହୋଇଥାଏ। କୁହାଯାଏ, ଦେଶର ସବୁଠାରୁ ବଡ଼ ହଳଦୀ ମାର୍କେଟ୍ ଏହିଠାରେ ହିଁ ଦେଖିବାକୁ ମିଳିଥାଏ। ତା'ଛଡ଼ା ସମଗ୍ର ଭାରତବର୍ଷରେ ହେଉଥିବା ହଳଦୀର ମୂଲ୍ୟ ନିରୂପଣ ମଧ୍ୟ ଏହି ମାର୍କେଟ୍‌ରେ କରାଯାଇଥାଏ। କେବଳ ସେତିକି ନୁହେଁ, ଏଠାରେ ଏକ ବଡ଼ ଟେକ୍ସଟାଇଲ୍ ମାର୍କେଟ୍ ବି ରହିଛି।

### କେବେ ଯିବେ

ବର୍ଷସାରା ଇରୋଡର ପାଣିପାଗ ବେଶ୍ ଅନୁକୂଳ ରହିଥାଏ। ଖାସ୍‌କରି ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏଠାରେ ଶୀତଋତୁ ଅନୁଭବ ହୋଇଥାଏ। ଏହି ସମୟରେ ଏଠାକାର ତାପମାତ୍ରା ପ୍ରାୟ ୨୦ ଡିଗ୍ରୀ ସେଲ୍‌ସିୟସ୍ ଭିତରେ ରହେ। ଯଦ୍ୱାରା ବୁଲାବୁଲି କରିବାକୁ ଭଲ ସୁବିଧା ହୁଏ। ତେଣୁ ଇରୋଡ୍ ବୁଲିବା ପାଇଁ ଏହାକୁ ସବୁଠୁ ଉପଯୁକ୍ତ ସମୟ ବୋଲି କୁହାଯାଇଥାଏ। କିନ୍ତୁ ଅନ୍ୟ ସମୟରେ ବି ଏଠାକୁ ପର୍ଯ୍ୟଟକ ବୁଲିବାକୁ ଯାଉଥିବାର ନଜିର ରହିଛି।

### କେମିତି ଯିବେ


କୋଏମ୍ବାଟୁର ଇଣ୍ଟର ନ୍ୟାଶନାଲ୍ ଏୟାର୍‌ପୋର୍ଟ ହେଉଛି ଏଠାକାର ନିକଟବର୍ତ୍ତୀ ବିମାନବନ୍ଦର, ଯାହା ଇରୋଡଠାରୁ ପ୍ରାୟ ୯୦ କି.ମି ଦୂରରେ ଅବସ୍ଥିତ। ସେହିପରି ଇରୋଡ ଜଙ୍କଶନ୍ ରେଲୱେ ଷ୍ଟେଶନ ଦେଶର ବହୁ ପ୍ରମୁଖ ସହର ସହିତ ସିଧାସଳଖ ଭାବେ ସଂଯୋଗ କରିଥାଏ। ତା'ଛଡ଼ା ସଡ଼କପଥରେ ମଧ୍ୟ ଏଠାକୁ ଯିବାର ସୁବିଧା ରହିଛି।

### କ'ଣ ଦେଖିବେ


**ଭିଲ୍ଲୋଡ଼ ପକ୍ଷୀ ଅଭୟାରଣ୍ୟ:** ଇରୋଡରେ ବୁଲିବା ପାଇଁ ସବୁଠାରୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ଏହି ପକ୍ଷୀ ଅଭୟାରଣ୍ୟ। ଖାସ୍ କରି ପକ୍ଷୀପ୍ରେମୀ ପର୍ଯ୍ୟଟକଙ୍କ ପାଇଁ ଏହା କୌଣସି ସ୍ୱର୍ଗୀୟ ସ୍ଥାନଠୁ କମ୍ ନୁହେଁ। ୨୦୦ ଏକରରେ ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ଏକ ଝରଣା ମଧ୍ୟ ରହିଛି। ୧୯୯୬ରେ ନିର୍ମିତ ଉକ୍ତ ଅଭୟାରଣ୍ୟରେ ଅନେକ ବିରଳ ପକ୍ଷୀଙ୍କୁ ଦେଖିବାକୁ ମିଳିଥାଏ। ବିଶେଷକରି ଶୀତଦିନେ ଏଠାରେ ପ୍ରବାସୀ ପକ୍ଷୀଙ୍କର ବେଶ୍ ଭିଡ଼ ଜମେ। ବର୍ତ୍ତମାନ ଏହି ଅଭୟାରଣ୍ୟର ରକ୍ଷଣାବେକ୍ଷଣ ଭାର ଭାରତ ସରକାରଙ୍କ ପର୍ଯ୍ୟାବରଣ ଓ ବନ ମନ୍ତ୍ରାଳୟ ଉପରେ ନ୍ୟସ୍ତ ଅଛି।

**ଧାର୍ମିକସ୍ଥଳୀ:** ଇରୋଡର ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଅନେକ ଧାର୍ମିକସ୍ଥଳୀମାନ ରହିଛି। ଯେମିତିକି ଥିଣ୍ଡାଲ ମୁରୁଗାନ୍ ମନ୍ଦିର, ପେରିୟା ମାରିଆମ୍ମାନ ମନ୍ଦିର, ନତାଦ୍ରିଶ୍ୱର ମନ୍ଦିର, ସଙ୍ଗାମେଶ୍ୱର ମନ୍ଦିର ଇତ୍ୟାଦି ଅନ୍ୟତମ।

**ସାଙ୍କାଗିରି ଦୁର୍ଗ:** ଏହା ସ୍ଥାନୀୟ ଏକ ଐତିହାସିକ ଦୁର୍ଗ। ଇରୋଡ ସହରଠାରୁ ପ୍ରାୟ ୨୦ କି.ମି ଦୂରରେ ଅବସ୍ଥିତ ଏହି ଦୁର୍ଗକୁ ବୁଲିଗଲେ ଅନେକ ରୋଚକପୂର୍ଣ୍ଣ କାହାଣୀମାନ ଜାଣିବାକୁ ମିଳିଥାଏ।







# ପତ୍ର, କାଦୁଅ, କୋଇଲାରେ ଚିତ୍ର



ରାଜୁ, ଜଣେ ବାସହୀନ ବ୍ୟକ୍ତି। ତାଙ୍କର ପ୍ରକୃତ ପରିଚୟ, ଘରର ଠିକଣା କାହାକୁ ବି ଜଣା ନାହିଁ। ପୁରୁଣା ମଇଳା ପୋଷାକ ସାଙ୍ଗକୁ ଅମାନିଆ ଭାବେ ବଢିଯାଇଥିବା ତାଙ୍କର ନିଶ ଦାଢି ଜଣାଇଦିଏ ତାଙ୍କ ଦାରିଦ୍ର୍ୟର କଥା । ହେଲେ ପ୍ରତିଭା ତାଙ୍କର ଅନନ୍ୟ । ଯାହା ଏବେ ତାଙ୍କୁ ଦେଇଛି ପରିଚୟ। କେରଳ, କୋଲମରେ ଏବେ ସେ ବହୁ ପରିଚିତ ମଣିଷଟିଏ। କାରଣ ଦୀର୍ଘ ଆଠ ବର୍ଷ ହେବ ସେ ନିଜ କଳା ଯାଦୁକରୀରେ ସମସ୍ତଙ୍କ ମନ ଜିଣି ନେଇଛନ୍ତି। ସହରର ଗଳିକନ୍ଦି ଯେଉଁଠି ବି ଏକ ସଫା କାନ୍ଥ ଦେଖନ୍ତି ତାକୁ ସେ କାନ୍‌ଭାସ୍ କରିଦିଅନ୍ତି। ଆଉ ରଙ୍ଗ ଭାବେ ସେ ପତ୍ର, କାଦୁଅ, କୋଇଲା ସହ ଅନ୍ୟାନ୍ୟ ପ୍ରାକୃତିକ ଜିନିଷକୁ ବ୍ୟବହାର କରନ୍ତି। ଯେବେ ସେ ଚିତ୍ର କରିବା ଆରମ୍ଭ କରି ଦିଅନ୍ତି ଧୀରେ ଧୀରେ ତାଙ୍କ ଚାରିପଟେ ଗହଳି ବଢିବାକୁ ଲାଗେ । ଆଉ ସମସ୍ତେ ତାଙ୍କ ହାତର ଯାଦୁକରୀକୁ ଉପଭୋଗ କରନ୍ତି। ସବୁଜ ରଙ୍ଗ ପାଇଁ ସେ ପତ୍ର, କଳା ଓ ବାଦାମୀ ରଙ୍ଗ ପାଇଁ କାଦୁଅ ଓ ମଇଳା ବ୍ୟବହାର କରନ୍ତି। ଅନେକେ କହନ୍ତି ଏହି କଳାକାର ଜଣକ ମାନସିକ ଭାବେ ଅସୁସ୍ଥ। ବୋଧହୁଏ ସେ ଜଣେ ତାଲିମପ୍ରାପ୍ତ ଚିତ୍ରକର। କିନ୍ତୁ ମାନସିକ ବିକୃତି ହେତୁ ଘର ଛାଡି ଚାଲି ଆସିଛନ୍ତି।

## କାର୍ଟୁନ କର୍ଣ୍ଣର



# ଗାଁରୁ ଧଉଳି ଭାୟା ଉତ୍ତର ବାଲେଶ୍ୱର



ସତ୍ୟସୁନ୍ଦର ପତି

ଧଉଳି ଗଣନାଟ୍ୟ ପ୍ରାୟୋଜିତ ଚଳିତବର୍ଷର ନାଟକ ସବୁ ଦେଖିଥିବା ଯାତ୍ରାପ୍ରେମୀମାନଙ୍କୁ ବୁଝାଇ କହିବାକୁ ହେବନାହିଁ ଯେ, ସତ୍ୟସୁନ୍ଦର ପତି କିଏ? ୨୦୧୮-୧୯ ଯାତ୍ରା ବର୍ଷରେ ପେସାଦାର ଯାତ୍ରାନୁଷ୍ଠାନରେ ପାଦ ଥାପିଥିବା ସତ୍ୟ ନୂଆ ହେଉପାରନ୍ତି ସତ; ମାତ୍ର ତାଙ୍କ ଅଭିନୟ କଦାଚିତ ନୂଆ ନୁହେଁ। ପିଲାଟି ବେଳୁ ସେ ଯଦି କାହାକୁ ଭଲପାଇ ବସିଥିଲେ ତା'ହେଲେ ତାହା ହେଉଛି ଯାତ୍ରା। ସତ୍ୟଙ୍କ ଜନ୍ମ ବାଲେଶ୍ୱର ରେମୁଣା ଅନ୍ତର୍ଗତ ରାଉତରାପୁର ଗ୍ରାମରେ। ବାପା ଚିନ୍ତାମଣି ପତି ଜଣେ ରିଟାୟାର୍ଡ ଆର୍ମି ଅଫିସର। ମା' ସରସ୍ୱତୀ ଦେବୀ ଜଣେ ସୁଗୃହିଣୀ। ତାଙ୍କରି କୋଳରେ ଜନ୍ମ ହୋଇଥିବା ସତ୍ୟ ପିଲାଟି ବେଳୁ ଆକର୍ଷିତ ହୁଅନ୍ତି କଳାଜଗତ ପ୍ରତି। ଗାଁରେ ଦୋଳ, ମକର ଆଦି ପର୍ବପର୍ବାଣିରେ ଯାତ୍ରା ହୁଏ। ବହୁ ବଡ଼ ବଡ଼ ମାଷ୍ଟରମାନେ ଆସି ଯାତ୍ରା ଶିଖାନ୍ତି। ରାତି ରାତି ଯାତ୍ରା ହୁଏ। ତାହାକୁ ଦେଖି ଦେଖି ସତ୍ୟ ନିଜକୁ ଜଣେ କଳାକାର ଭାବରେ ତିଆରି କରୁଥାନ୍ତି। ବଡ଼ହେବା ପରେ ସତ୍ୟ ନିଜେ ମୁହଁରେ ପାଉଡର ମାଖି ଓହ୍ଲାନ୍ତି ମଞ୍ଚ ଉପରକୁ। ତାଙ୍କର ଡେଙ୍ଗା ଚଉଡ଼ା ଚେହେରା ଦେଖି ମାଷ୍ଟରମାନେ ତାଙ୍କୁ ଖଳନାୟକ କରିବାକୁ ଦିଅନ୍ତି। ଆଉ ସତ୍ୟଙ୍କୁ ବି ବେଶ୍ ଫିଟ୍ ହୁଏ ଖଳ ଚରିତ୍ରର ଭୂମିକା। ଗାଁରେ ଅଭିନୟ କରିବା ପରେ ସତ୍ୟଙ୍କୁ ପ୍ରଚୁର ପ୍ରଶଂସା ଓ ବାହାବା ମିଳେ। ଗାଁର କଳାପ୍ରେମୀ ପଡ଼ୋଶୀମାନେ ତାଙ୍କୁ କହନ୍ତି ଅଭିନୟ ଜାରି ରଖିବା ପାଇଁ। ବାପାମା'ଙ୍କର ମଧ୍ୟ କୌଣସି ଆପତ୍ତି ନ ଥାଏ। ସତ୍ୟ ଏଥର ଗାଁ ଛାଡ଼ି ଚାଲି ଯାଆନ୍ତି ଉତ୍ତର ବାଲେଶ୍ୱର। ଉତ୍ତର ବାଲେଶ୍ୱରେ ରହିଛି ଏକାଧିକ ଯାତ୍ରାପାର୍ଟି। ସେଠାରେ ତାଙ୍କୁ ଅଭିନୟ କରିବାର ଭରପୂର ସୁଯୋଗ ମିଳେ। ତିନିବର୍ଷ ସେହି ଉତ୍ତର ବାଲେଶ୍ୱର ପାର୍ଟି ସମୂହରେ ଯାତ୍ରା କରି ନିଜକୁ ପରିପକ୍ୱ କରନ୍ତି। ତାଙ୍କ ଭିତରେ ଆତ୍ମବିଶ୍ୱାସ ବଢ଼େ ଯେ, ସେ ଜଣେ ଅଭିନେତା ହୋଇପାରିବେ। ଏହି ସମୟକାଳ ଭିତରେ ତାଙ୍କର ଭେଟ ହୁଏ ଅଭିନେତା ଗୌର ଦାସଙ୍କ ସହିତ। ଗୌର ତାଙ୍କୁ ପ୍ରୋତ୍ସାହିତ କରନ୍ତି। ଆଉ ପ୍ରସ୍ତାବ ଦିଅନ୍ତି ଯେ, ସେ ପେସାଦାର ପାର୍ଟିକୁ ଆସିବା ଉଚିତ। ସେତିକି ନୁହେଁ, ଗୌର ହିଁ ତାଙ୍କୁ ନେଇ ଆସନ୍ତି ଧଉଳି ଗଣନାଟ୍ୟକୁ। ୨୦୧୮ ଯାତ୍ରା ସିଜନ୍‌ରେ ଧଉଳି ଗଣନାଟ୍ୟରେ ନିଜର ପେସାଦାର କଳାକାର ଜୀବନର ଅୟମାରମ୍ଭ କରନ୍ତି। ଧଉଳି ଗଣନାଟ୍ୟରେ ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି - 'କହ ଗୌରଦାସ କାହାର ଦୋଷ', 'କିଛି ଲୁହ ପିଇଯାଏ ଓଠ', 'କଳାକାହ୍ନୁ ମୋର କାଳିଆ ସୁନା' ଏବଂ 'କଳିଯୁଗର ରାମାୟଣ'। 'କହ ଗୌରଦାସ କାହାର ଦୋଷ' ନାଟକରେ ସତ୍ୟଙ୍କର ଭୂମିକା ସେ ମନ୍ତ୍ରୀଙ୍କ ପିଏ। 'କିଛି ଲୁହ ପିଇଯାଏ ଓଠ'ରେ ସେ ଜଣେ ନେଗେଟିଭ୍ ସାନଭାଇ। ଅବଶ୍ୟ 'କଳାକାହ୍ନୁ...'ରେ ସେ ପଜିଟିଭ ଭୂମିକାରେ ଆସିଛନ୍ତି। ମାତ୍ର 'କଳିଯୁଗ...' ନାଟକରେ ତାଙ୍କର ନେଗେଟିଭ୍। ପଜିଟିଭ୍ ଅପେକ୍ଷା ନେଗେଟିଭ୍ ଭୂମିକାରେ ବେଶି କମ୍ଫର୍ଟ ସତ୍ୟ। ସେ କହନ୍ତି : କାହାଣୀଟିଏ ଅଛି, ପରିବାରଟିଏ ଅଛି, ସମାଜଟିଏ ଅଛି ମାନେ ଖଳ ଚରିତ୍ରଟିଏ ଅଛି। ନ ହେଲେ ନା କାହାଣୀ ସୁନ୍ଦର ନା ପରିବାର ସୁନ୍ଦର ନା ସମାଜ ସୁନ୍ଦର।

# ରେଳବାଇରୁ ଯାତ୍ରାମଞ୍ଚ

ସୁଧାଂଶୁ ଶେଖର ବସନ୍ତ! ଯାତ୍ରା ଜଗତର ଜଣେ ବର୍ଷୀୟାନ୍ ଅଭିନେତା; ଯାହାଙ୍କ ରକ୍ତରେ ଯାତ୍ରା ମିଶି ଯାଇଛି ବୋଲି କହିଲେ ଭୁଲ୍ ହେବନାହିଁ। ମହାକାଳପଡ଼ାର କାଂଶପାଳ ଗ୍ରାମରେ ଜନ୍ମ ହୋଇଥିବା ଏହି ବ୍ୟକ୍ତି ଜଣକ ଯେମିତି ଜନ୍ମ ହୋଇଥିଲେ ଅଭିନୟ କରିବା ପାଇଁ। ପିଲାଟି ବେଳୁ ନାଚ, ଯାତ୍ରା, ଅଭିନୟ ପ୍ରତି ରୁଚି ଥିଲା। ବଡ଼ ହୋଇ ଗାଁ ଡ୍ରାମାରେ ଅଭିନୟ କଲେ। ସ୍କୁଲ୍, କଲେଜରେ ତାଙ୍କର ସୁନାମ ହେଲା। ଯେଉଁଠି ବି ଯାତ୍ରା ହେଉଥିଲା ସେଠାକୁ ସେ ଛୁଟି ଯାଉଥିଲେ କେବେ ଦର୍ଶକ ହୋଇ ତ କେବେ ଅଭିନେତା ହୋଇ। ଦିନକର ଘଟଣା। ସୁଧାଂଶୁ ନିଜର ସାଙ୍ଗମାନଙ୍କ ସହିତ ପାଖ ଗାଁରେ ହେଉଥିବା ଡ୍ରାମା ଦେଖିବା ପାଇଁ ଯାଇଥାନ୍ତି। ଡ୍ରାମା ହେବାକୁ ଅଳ୍ପ କିଛି ସମୟ ବାକିଥାଏ। ହଠାତ ଜଣେ କଳାକାର ଅସୁସ୍ଥ ହୋଇପଡ଼ିଲେ। ତାଙ୍କୁ ମେଡ଼ିକାଲ ନିଆଗଲା। କ'ଣ କରାଯିବ? ଡ୍ରାମା କେମିତି ହେବ? ଆୟୋଜକଙ୍କ ମୁଣ୍ଡରେ କିଛି ପଶୁ ନ ଥାଏ। ଡ୍ରାମା ନିର୍ଦ୍ଦେଶକଙ୍କ ନଜର ସୁଧାଂଶୁଙ୍କ ଉପରେ ପଡ଼ିଲା। ସେ ତାଙ୍କୁ ଆଗରୁ ଜାଣିଥିଲେ। ସେ କହିଲେ, ତୁମେ ମେକ୍‌ଅପ୍ ନିଅ। ଆଉ ମଞ୍ଚକୁ ଯାଅ। ପ୍ରମ୍ପଟିଂ ହେବ। ତମେ ଅଭିନୟ କରିବ। ସେଇଆ ହେଲା। ସୁଧାଂଶୁ ସେଦିନ ଅଭିନୟ କଲେ। ତେବେ ଯିଏ ପ୍ରମ୍ପଟିଂ କରୁଥିଲେ ସେ ଥିଲେ ଅଭିନେତା ଜଳଧର ସ୍ୱାଇଁ। ସୁଧାଂଶୁଙ୍କ ଅଭିନୟ ତାଙ୍କୁ ବେଶ୍ ଭଲ ଲାଗିଲା। ପୁଣି ବିନା ରିହର୍ସାଲରେ ତାଙ୍କର ଅଭିନୟ ତାଙ୍କୁ ଚମତ୍କୃତ କରିଦେଲା। ସେ ଜାଣିଲେ, ଏଇ ଯୁବକଟି ଭିତରେ ଜଣେ ବଡ଼ କଳାକାର ଲୁଚି ରହିଛି। ସେ ହିଁ ତାଙ୍କୁ କହିଲେ, ପେସାଦାର ଯାତ୍ରାପାର୍ଟିକୁ ଆସିବା ପାଇଁ। ଖାଲି କହିଲେନି। ନିଜେ ଆଣି 'ରଘୁନାଥ କଳାକୁଞ୍ଜ ପଞ୍ଚୁପାଣ୍ଡବ ଅପେରା'ରେ ରଖେଇଲେ। ସେଠାରେ ଜଣେ ପେସାଦାର କଳାକାର ଭାବରେ ଅଭିନୟ କଲେ ସୁଧାଂଶୁ। ଏହାପରେ ଚାରିବର୍ଷ ଗ୍ୟାପ୍। କାରଣ ତାଙ୍କର ଶାଳକ ରେଳବାଇର ଜଣେ ଡ୍ରାଇଭର। ସେ ତାଙ୍କୁ ନେଇ ରେଳବାଇରେ ଭର୍ତ୍ତି କରିଦେଲେ। କଷ୍ଟେମଷ୍ଟେ ଚାରିବର୍ଷ ରେଳବାଇରେ କାମ କଲେ ସୁଧାଂଶୁ। ହେଲେ ଯାହାଙ୍କର ଜନ୍ମ କଳା ପାଇଁ ସେ କ'ଣ ଅନ୍ୟ କୌଣସି କାମ କରି ନିଜକୁ ସନ୍ତୁଷ୍ଟ କରିପାରିବ। ତେଣୁ ସୁଧାଂଶୁ ସେ ଚାକିରିକୁ ବାଏ ବାଏ କରି ଫେରିଲେ ଯାତ୍ରାକୁ। ଯୋଗଦେଲେ 'ଅମ୍ବିକା ଅପେରା'ରେ। ପରେପରେ 'ତ୍ରିବେଣୀ ଅପେରା', 'ସୁକନ୍ୟା ଗଣନାଟ୍ୟ', 'ଅଷ୍ଟଶମ୍ଭୁ ଗଣନାଟ୍ୟ', 'ଦୁର୍ଗାଶ୍ରୀ', 'ପୃଥିବୀ ଅପେରା', ତ୍ରିନାଥ ଗଣନାଟ୍ୟ, 'ଶିବାନୀ ଗଣନାଟ୍ୟ', 'ଯାତ୍ରା ଦର୍ଶକ ମହଲ' ଏବଂ 'ସ୍ୱର୍ଣ୍ଣ ମହଲ' ଆଦିରେ ସେ ଯୋଗ ଦେଇଛନ୍ତି। ସେ ଅଭିନୟ କରିଥିବା ସଫଳ ତଥା ଲୋକପ୍ରିୟ ନାଟକଗୁଡ଼ିକ ମଧ୍ୟରେ ରହିଛି 'ଯୋଡ଼ି ହେଇଗଲା ଭଙ୍ଗା ଆଇନା', 'ବିଡିଓ ବାବୁ ନମସ୍କାର', 'ତମ ସହରକୁ ନମସ୍କାର', 'ଅମଣିଷ', 'ଅଢ଼େଇ ଅକ୍ଷର ପ୍ରେମ', 'ରାଜଧାନୀ ଝିଅ ରାଜନନ୍ଦିନୀ', 'ରଙ୍ଗିଲା ରାଧିକା ରଜନୀଗନ୍ଧା', 'ହେ ଈଶ୍ୱର କୋଟି ନମସ୍କାର', 'ଅଗ୍ନି ପରୀକ୍ଷା', 'ଭୁବନେଶ୍ୱର ତୁମେ କାହାର', 'ଭଲ ମଣିଷକୁ ଭରସା ନାହିଁ', 'ଆଲୋ କେତକୀ ଆ ରାତିକି' ଏବଂ ଆହୁରି ଅନେକ। ବଲିଉଡ୍ ମେଗାଷ୍ଟାର ଅମିତାଭ୍ ବଚ୍ଚନଙ୍କୁ ନିଜର ମଡେଲ ବୋଲି ଭାବୁଥିବା ଏହି କଳାକାର ସମ୍ପ୍ରତି ଯାତ୍ରା ସ୍ୱର୍ଣ୍ଣମହଲରେ ଅଭିନୟ ଜାରି ରଖିଛନ୍ତି। ସ୍ୱର୍ଣ୍ଣ ମହଲରେ ତାଙ୍କ ଅଭିନୀତ ନାଟକଗୁଡ଼ିକ ହେଉଛି 'ଗୀତାକୁ ଛୁଇଁଲେ ପାପ', 'ପ୍ରେମ ସବାରିରେ ପ୍ରୀତି ନାୟିକା', 'ଆମ ଗାଁ ଜଗନ୍ନାଥ ତୁମ ଗାଁ ଆଲ୍ଲା', 'ପ୍ରେମରେ ଲାଗିଛି ନିଆଁ', 'କେମିତିକା ନାରୀ ତୁ'। ଆସନ୍ତା ୨୦୧୯-୨୦ ଯାତ୍ରା ସିଜନରେ ଏହି କଳାକାରଙ୍କୁ 'ସୂର୍ଯ୍ୟ ମହଲ'ରେ ଦେଖିବାକୁ ମିଳିବ।



ସୁଧାଂଶୁ ଶେଖର ବସନ୍ତ



# ବଢ଼ୁଛି ଅଜବ ଖବର ପଢ଼ିବାର ନିଶା

ଲୋକମାନଙ୍କ ମଧ୍ୟରେ ଅଜବ ଖବର ପଢ଼ିବାର ନିଶା ବଢ଼ୁଛି। ସେଥିପାଇଁ ଲୋକମାନେ ଅନ୍‌ଲାଇନ୍‌ର ସହାୟତା ନେଉଛନ୍ତି। ଦିନକୁଦିନ ଏହାର ସଂଖ୍ୟା ବଢ଼ୁଛି ବୋଲି ଅକ୍ସଫୋର୍ଡ ୟୁନିଭର୍ସିଟି ପ୍ରେସ୍ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଅଜବ ଖବର ଭିତରେ ରହିଛି ଭୂତପ୍ରେତ କାହାଣୀ, ଏଲିଅନ୍ ଷ୍ଟୋରି, ମାଇଣ୍ଡ ରିଡିଂ ମ୍ୟାଟର, ଅପହରଣ ମାନସିକାର ପଛକଥା, ସସପେନ୍ସ ଥ୍ରୀଲର, ଡିଟେକ୍ଟିଭ୍ ଏବଂ ଆହୁରି ଅନେକ। ଏ ସବୁ ପଢୁଥିବା ଲୋକମାନେ ନିଜକୁ ସ୍ମାର୍ଟ ତଥା ଦୁଇପାଦ ଆଗରେ ବୋଲି ମନେ କରିଥାନ୍ତି। ଆଉ ଏହା ସେମାନଙ୍କୁ ପ୍ରଚୁର ଆନନ୍ଦ ପ୍ରଦାନ କରିଥାଏ ବୋଲି ପ୍ରେସ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ପ୍ରକାଶ କରାଯାଇଛି। ନ୍ୟୁୟର୍କ ୟୁନିଭର୍ସିଟିର ଜନୈକ ସ୍ନାୟୁତତ୍ତ୍ୱବିତ୍ ଏ ବିଷୟରେ ମତବ୍ୟକ୍ତ କରି କହିଛନ୍ତି ଯେ, ଆମର ମାନସିକତା ସବୁବେଳେ ପାରିପାର୍ଶ୍ୱିକ ପରିବେଶ ଆଉ ପରିସ୍ଥିତି ଦ୍ୱାରା ହିଁ ପ୍ରଭାବିତ ହୋଇଥାଏ। ସମ୍ପ୍ରତି ଇଣ୍ଟରନେଟ୍ କବଳିତ ପୃଥିବୀରେ ଲୋକମାନଙ୍କ ମାନସିକତା ସବୁବେଳେ ଚାଞ୍ଚଲ୍ୟକର ତଥା ରୋମାଞ୍ଚକର ଅନୁଭୂତିର ସନ୍ଧାନରେ ରହୁଛି। ଅତଏବ ଉପରୋକ୍ତ ଅଜବ ଗଜବ କାହାଣୀ, ଘଟଣା, ଫାଣ୍ଟାସି ଅଥବା କାଳ୍ପନିକ କାହାଣୀ ହିଁ ସେମାନଙ୍କୁ ତାହାର ଖୋରାକ ଯୋଗାଇ ପାରୁଛି।



# ସର୍କସର ନୂଆ ପ୍ରୟାସ: ସତ ନୁହେଁ ହୋଲୋଗ୍ରାମ୍ ପ୍ରାଣୀ

ସର୍କସର ଆକର୍ଷଣ ଥାଏ ହାତୀ, ଘୋଡା, ବାଘ, ମାଙ୍କଡ ଭଳି ପ୍ରାଣୀଙ୍କ ଆଶ୍ଚର୍ଯ୍ୟଜନକ ଖେଳ। ପିଲାଠୁ ବୁଢା ସମସ୍ତେ ଏହାକୁ ଦେଖି ଆନନ୍ଦ ଉଠାନ୍ତି। ଏହିସବୁ ପ୍ରାଣୀଙ୍କୁ ବାଦ୍ ଦେଲେ ସର୍କସର ମାନେ କିଛି ରହେନା ବୋଲି ଅନେକେ ଭାବନ୍ତି। କିନ୍ତୁ ଜର୍ମାନୀର ସର୍କସ ରୋନକାଲି ଏବେ କରିଛି ଏକ ଅଭିନବ ପ୍ରୟାସ। ୧୯୭୬ ମସିହାର ଏହି ପୁରୁଣା ସର୍କସ ପାର୍ଟି ସର୍କସରେ ହେଉଥିବା ପ୍ରାଣୀଙ୍କ ଉପରେ ଅତ୍ୟାଚାର ରୋକିବା ଲାଗି ସେମାନଙ୍କ ବ୍ୟବହାରକୁ ବନ୍ଦ କରି ଦେଇଛି। ହେଲେ ଦର୍ଶକଙ୍କ ମନୋରଞ୍ଜନ ଯେମିତି କମି ନ ଯାଏ ସେଥିପାଇଁ ଆପଣେଇଛି ଆଧୁନିକ ଟେକ୍ନୋଲୋଜି 'ହୋଲୋଗ୍ରାମ'। ଏହାଦ୍ୱାରା ଲୋକେ ବିଭିନ୍ନ ପ୍ରାଣୀଙ୍କ ଖେଳ ଦେଖିପାରିବେ। ହେଲେ ସେହି ପ୍ରାଣୀମାନେ ସତସତିକା ହୋଇ ନ ଥାଆନ୍ତି। ବରଂ ସେଗୁଡିକ ହୋଲୋଗ୍ରାମ ବା ଥ୍ରୀଡି ଇମେଜ ଯାହାକୁ ଖାଲିଆଖିରେ ଦେଖିହୁଏ। ପ୍ରୋଜେକ୍ଟରରୁ ଥ୍ରୀଡି ହୋଲୋଗ୍ରାଫିକ ଚିତ୍ର ୧୦୫ ଫୁଟ ଓସାର ଓ ୧୬ ଫୁଟ ଗଭୀରତାରେ ବସିଥିବା ସମସ୍ତ ଦର୍ଶକଙ୍କୁ ଯେପରି ୩୬୦°ର ଭିଜିବିଲିଟି ମିଳିବ ବ୍ୟବସ୍ଥା କରାଯାଇଛି। ଏହି ଚିତ୍ରଗୁଡିକ ବେଶ୍ ବାସ୍ତବ ଲାଗେ। ଆଉ ଦର୍ଶକ ଏହାକୁ ବହୁତ ପସନ୍ଦ ବି କରୁଛନ୍ତି। ତାଙ୍କୁ ଏକ ଯାଦୁକରୀ ଦୁନିଆରେ ଥିବାର ଅନୁଭୂତି ମିଳୁଛି।

ବ୍ୟାକ୍ ପେଜ୍

# ପାଟି ନୁହେଁ ପର୍ସ

ଟଙ୍କା ରଖିବା ପାଇଁ ସମସ୍ତେ ପର୍ସର ବ୍ୟବହାର କରନ୍ତି। ହେଲେ ମହିଳା ଓ ପୁରୁଷଙ୍କ ପର୍ସ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ। ଅନେକେ କଏନ୍ ବା ମୁଦ୍ରା ରଖିବାକୁ ଏକ ସ୍ୱତନ୍ତ୍ର ଛୋଟ ମୁଣା ବି ବ୍ୟବହାର କରନ୍ତି। ତେବେ ନିକଟରେ ଜାପାନର କଳାକାର ଦୁ' ତିଆରି କରିଛନ୍ତି ଏମିତି ଏକ ପର୍ସ, ଯାହାକୁ ଦେଖିଲେ ଦ୍ୱନ୍ଦ୍ୱରେ ପଡିଯିବେ ଯେ ଏହା ପର୍ସ ନା ମଣିଷର ପାଟି ବୋଲି। କାରଣ ଏହା ଦେଖିବାକୁ ସମ୍ପୂର୍ଣ୍ଣଭାବେ ଜଣେ ପୁରୁଷଙ୍କ ପାଟି ଭଳି। ଯାହାର ଦାଢି ଅଛି, ଓଠ ଅଛି। ଆଉ ଓଠକୁ ଉପରକୁ ଭିଡି ଦେଲେ ପାଟି ଆଁ ହୋଇଯାଏ। ପାଟି ଭିତରେ ଅବିକଳ ଈଷତ୍ ଗୋଲାପୀ ରଙ୍ଗର ମାଢି ଓ ଧଳା ରଙ୍ଗର ଦାନ୍ତ ବି ରହିଛି। ମାଢି ଏଭଳି ତିଆରି ହୋଇଛି ଯେ, ତାହା ଓଦାଳିଆ ଦେଖାଯାଏ। ଆଁ ଭିତରେ ମୁଦ୍ରାକୁ ଗଳେଇବାକୁ ହୋଇଥାଏ। ଗଳେଇବା ପରେ ପାଟିକୁ ଚାପି ବନ୍ଦ କରିଦିଆଯାଏ। ଟ୍ୱିଟରରେ ସେ ଯେବେ ଏହି ଅଦ୍ଭୁତ ପର୍ସର ଭିଡିଓ ଅପଲୋଡ୍ କଲେ ତାହା ଭାଇରାଲ ହୋଇଗଲା। ଏ ପର୍ଯ୍ୟନ୍ତ ଏହାର ୧୨ ମିଲିୟନ ଭ୍ୟୁୟର୍ ହୋଇଗଲେଣି। ଦୁ'ଙ୍କୁ ଏହି ପର୍ସ ତିଆରି କରିବା ପାଇଁ ଦୁଇ ମାସ ସମୟ ଲାଗିଥିଲା। ଅନେକେ ଏହାକୁ କିଣିବାକୁ ବି ଚାହୁଁଛନ୍ତି। ହେଲେ ସେ ବର୍ତ୍ତମାନ ଏହାକୁ ବିକ୍ରି କରିବାକୁ ଚାହାନ୍ତି ନାହିଁ ବୋଲି ପ୍ରକାଶ କରିଛନ୍ତି। ଅବିକଳ ମଣିଷ ଅଙ୍ଗ ଭଳି ଜିନିଷ ତିଆରି କରିବା ଦୁ'ଙ୍କ ପାଇଁ ନୂଆ ନୁହେଁ। ଏହା ପୂର୍ବରୁ ସେ ଅବିକଳ ମଣିଷ ଆଙ୍ଗୁଳି ତିଆରି କରିଥିଲେ।

